

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୧ ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୦୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.171 Bhubaneswar, Wednesday, March 05, 2025


## KIIT କାଣ୍ଡ ଘାଣ୍ଟିବ NHRC

ଭୁବନେଶ୍ୱର, ୪/୩: କିଟ୍ ବିଶ୍ୱ ବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ବଢ଼ିଲା କିଟ୍ ଅଡୁଆ। ସରଜମିନ ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନ NHRC ନିର୍ଦ୍ଦେଶ ଦେଇଛନ୍ତି। ଏକ ଟିମ୍ ଗଠନ କରି ଘଟଣାର ସରଜମିନ ତଦନ୍ତ ପାଇଁ କମିଶନ NHRCର ଡିଜି ଇନଭେଷ୍ଟିଗେସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। NHRCଙ୍କ ଇନଭେଷ୍ଟିଗେସନ ଡିଭିଜନ୍ ଓ ଲ ଡିଭିଜନର ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଘଟଣାସ୍ଥଳକୁ ଯାଇ ସରଜମିନ୍ ତଦନ୍ତ କରିବ। ତଦନ୍ତ ପରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି।ଏହା ସହ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଇନ ବିଭାଗର ରେଜିଷ୍ଟ୍ରାର ଏହି ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେବେ। NHRCର ଇନଭେଷ୍ଟିଗେସନ ଡିଭିଜନର ଦୁଇ ଜଣ ଅଧିକାରୀଙ୍କୁ ନେଇ ଏହି ଟିମ୍ ଗଠନ ହେବ। ଯେଉଁଥିରେ ଜଣେ ଏସଏସପି ରାଙ୍କର ଅଧିକାରୀ ରହିବେ। କିଟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଏହି ବିଶ୍ୱବିଦ୍ୟାଳୟ ବିରୋଧରେ ଏକାଧିକ ଅଭିଯୋଗ ମାନବାଧିକାର କମିଶନରେ ହୋଇଥିଲା। କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା ଯେ, କିଟ୍ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ତାଙ୍କ ଅଭିଯୋଗକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ସମ୍ପର୍କ ଅଫିସର (ଆଇଆରଓ) ଅଣଦେଖା କରିଥିଲେ। ଫଳ ସ୍ୱରୂପ ନେପାଳୀ ଛାତ୍ରୀ ଜଣକ ନିଜର ଜୀବନ ହାରିଥିଲେ। ଘଟଣାକୁ ନେଇ ନ୍ୟାୟ ଦାବି କରୁଥିବା ଅନ୍ୟ ନେପାଳୀ ଛାତ୍ରଛାତ୍ରୀଙ୍କୁ କିଟ୍ ଅଧିକାରୀ ଏବଂ ସୁରକ୍ଷା କର୍ମୀ




ଗାଳିଗୁଲଜ କରିବା, ଧମକ ଦେବା ସହ ମାଡ ମାରିଥିଲେ। ସେହିଭଳି କିଟ୍ ଏବଂ କିସ୍ ବିରୋଧରେ ଆଦିବାସୀ ପିଲାଙ୍କୁ ଶୋଷଣ, ମାନବାଧିକାର ଉଲ୍ଲଂଘନ, ବେଆଇନ ଜମି ଅଧିଗ୍ରହଣ କରିବା, କିସ୍ ହଷ୍ଟେଲରେ ଆବଶ୍ୟକତାଠାରୁ ଅଧିକ ଅନ୍ତେବାସୀ ରଖିବା, ମୌଳିକ ସୁବିଧା ନ ରହିବା ଆଦି ଅଭିଯୋଗ ହୋଇଛି। ନିର୍ଯାତନା ଅଭିଯୋଗର ସମାଧାନରେ ବିଫଳ ହେବା ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶୋଷଣରେ ସମ୍ପୃକ୍ତ ନେଇ ଅଭିଯୋଗ ଆସିବା ପେରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସଂସ୍ଥାର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କୁ ଅନୁରୋଧ କରାଯାଇଥିଲା।ଏହା ପୂର୍ବରୁ KIIT ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲାକୁ ଗୁରୁତ୍ୱର ସହ ନେବା ସହ ରିପୋର୍ଟ ତଲବ କରିଥିଲା UGC। ଛାତ୍ରୀଙ୍କ ମୃତ୍ୟୁ ଓ ପରବର୍ତ୍ତୀ ଘଟଣା କେମିତି ଘଟିଲା ? ଫେବ୍ରୁଆରୀ ୧୬-୧୭ ରାତିରେ KIITରେ କ'ଣ ଘଟିଥିଲା ? କ୍ୟାମ୍ପସରେ ବିକ୍ଷୋଭ, ନେପାଳୀ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ଓ ମାଡ ମରାଯାଇ ବାହାର କରାଯିବା ଘଟଣାରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲା । ଏ ସଂପର୍କରେ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଅନ୍ୟପକ୍ଷରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲା ସୂଚନା ଅଧିକାର ଅଭିଯାନ ବା OSAA। । କିଟ୍ କାହିଁକି ସୂଚନା ଅଧିକାର ଆଇନ ପରିସର ହୋଇନି ବୋଲି ପ୍ରଶ୍ନ କରିଥିଲା ?। ଏଥିସହ ପୂର୍ବତନ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜାଙ୍କୁ ବି କାଠଗଡ଼ାକୁ ଟାଣିଥିଲା ?

## ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତ

### ବିଶ୍ୱକପ୍ ଫାଇନାଲର ପ୍ରତିଶୋଧ ନେଲା ଭାରତ : ଦୁବାଇରେ ଅଷ୍ଟ୍ରେଲିଆକୁ ଧୂଳି ଚଟାଇଲା ଟିମ୍ ଇଣ୍ଡିଆ

ଦୁବାଇ, ୪/୩: ଚମ୍ପିଆନ୍ସ ଟ୍ରଫି ଫାଇନାଲରେ ଭାରତ । ଦୁବାଇରେ ଆଣ୍ଟେଇଲା କଙ୍ଗାରୁ । ଅଷ୍ଟ୍ରେଲିଆ ବିପକ୍ଷରେ ପୁଣି ଥରେ କୋହଲି ଖେଳିଲେ ବିରାଟ ଇନିଂସ । ଏହି ବିଜୟ ସହ ୨୦୨୩ ନଭେମ୍ବର ୧୯ର ବଦଳା ନେଲା ଟିମ୍ ଇଣ୍ଡିଆ । ଅଷ୍ଟ୍ରେଲିଆ ବିପକ୍ଷରେ ଚମ୍ପିଆନ୍ସ ଟ୍ରଫି ସେମିଫାଇନାଲରେ ଭାରତର ବଡ଼ ବିଜୟ । ବିରାଟ କୋହଲିଙ୍କ ଦମଦାର ୮୪ ରନ୍ ବଳରେ ଭାରତ ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ପ୍ରଥମ ଦଳ ଭାବେ ଭାରତ ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି ।ଦୁବାଇ ଇଣ୍ଟର ନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଆଜି ଚମ୍ପିଆନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲା ଭାରତ-ଅଷ୍ଟ୍ରେଲିଆ । ଏହି ହାଇଭୋଲଟେଜ୍ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ । ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ଭାରତୀୟ ବୋଲିଂ ଆଟାକ୍ ସାମ୍ନାରେ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା । ମାତ୍ର ୨୬୪ ରନ୍ କରି ଅଲଆଉଟ୍ ହୋଇଥିଲା ଅଷ୍ଟ୍ରେଲିଆ । ଭାରତ ପକ୍ଷରୁ ମହମ୍ମଦ ସାମି ୩ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ସେହିପରି ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ




ଷ୍ଟିଭ୍ ସ୍ମିଥ୍ ୭୩ ରନ୍ କରିଥିଲେ । ତେବେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଟିମ୍ ଇଣ୍ଡିଆର ଦୁଇ ଓପନର ଶୁଭମନ ଗିଲ୍ ଓ ରୋହିତ ଶର୍ମା । ପୁଣି ଥରେ ନକ୍‌ଆଉଟ୍ ମ୍ୟାଚ୍‌ରେ ଫେଲ୍ ହୋଇଥିଲେ ଗିଲ୍। ମାତ୍ର ୮ ରନ୍ କରି ଆଉଟ୍ ହୋଇଥିଲେ ଗିଲ୍ । ଏହାପରେ ରୋହିତ ଓ ବିରାଟ ପାଳି ସମ୍ଭାଳିଥିଲେ । ତେବେ ୪୩ ରନ୍‌ରେ ଟିମ୍ ଇଣ୍ଡିଆକୁ ଲାଗିଥିଲା ବଡ଼ ଝଟକା । ରୋହିତ ଶର୍ମା ୨୮ ରନ୍ କରି ଆଉଟ୍ ହୋଇଥିଲେ । ଦୁଇ ଓପନର ଆଉଟ୍ ହେବା ପରେ ପାଳି ସମ୍ଭାଳିଥିଲେ କୋହଲି ଓ ଆୟର । ଉଭୟଙ୍କ ମଧ୍ୟରେ ୯୧ ରନ୍‌ର ପାର୍ଟନରସିପ୍ ହୋଇଥିଲା । ତେବେ ୪୫ ରନ୍ କରି ଆଉଟ୍ ହୋଇଥିଲେ ଆୟର । ଗୋଟିଏ ପଟେ ଟିମ୍ ଇଣ୍ଡିଆର ୱିକେଟ୍ ପଡୁଥିବା ବେଳେ ବିରାଟ କୋହଲି କିନ୍ତୁ ଦମଦାର ପ୍ରଦର୍ଶନ ଜାରି ରଖିଥିଲେ । ବିରାଟ କୋହଲିଙ୍କ ୮୪ ରନ୍, କେଏଲ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଧୂଆଁଧାର ବ୍ୟାଟିଂ ଫଳରେ ଭାରତ ୪ ୱିକେଟ୍‌ରେ ବିଜୟ ଲାଭ କରିଥିଲା । ଏହି ବିଜୟ ସହ ଭାରତ ୨୦୧୫ ବିଶ୍ୱକପ୍ ସେମିଫାଇନାଲ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନଲର ବଦଳା ନେଇଛି ।

## ପୁଅ ଖେଳିଲା ରକ୍ତର ହୋଲି

### ବାପାମା', ଭଉଣୀଙ୍କୁ ମାରିଦେଲା

ଜଗତସିଂହପୁର,୪/୩: ପୁଅ ପାଲଟିଲା ନୃଶଂସ। ବାପାମା' ଓ ଭଉଣୀଙ୍କୁ ପଥରରେ ଛେଚି କଲା ହତ୍ୟା। ଜଗତସିଂହପୁର ସଦର ଥାନା ଜୟ ବଡ଼ ଗାଁରେ ଏହି ହତ୍ୟାକାଣ୍ଡ ଘଟିଛି। ଗୋଟିଏ ପରିବାରର ତିନି ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଘଟଣା ଘଟିଛି ଜଗତସିଂହପୁର ସହର ଜୟବଡ଼ ଅଞ୍ଚଳରେ। ମୃତକମାନେ ହେଲେ କାଳିଆ ଓରଫ୍ ପ୍ରଶାନ୍ତ ସେଠୀ, ତାଙ୍କ ପତ୍ନୀ କନକଲତା ସେଠୀ ଓ ଝିଅ ରୋଜାଲିନ। ସାନପୁଅ ସୂର୍ଯ୍ୟକାନ୍ତ ସେଠୀ ଏହି ଜଘନ୍ୟ କାଣ୍ଡ ଘଟାଇଛି । ରାତି ପ୍ରାୟ ୨ଟାରୁ ସାଢେ ୨ଟା ଭିତରେ ଏହି ଘଟଣା ଘଟିଛି। ଭିତରେ ପଥର ଓ ବାହାରେ ହେମ ଦସ୍ତା ପୁଆ ପଡ଼ିଥିବାରୁ ସେଥିରେ ମୁଣ୍ଡକୁ ଛେଚି ହତ୍ୟା କରା ଯାଇଥିବା ଜଣାପଡ଼ିଛି। ତିନିଟି ମୃତଶରୀର ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ମୁଣ୍ଡ ନଷ୍ଟ ହୋଇଯାଇଛି। ଖବର ପାଇ ଏସପି ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଥାନା ଆଇଆଇସି ପ୍ରଭାସ ସାହୁ ପୁଲିସ ଟିମ୍ ସହ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତ । ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସେଠୀକୁ ଜଗତସିଂହପୁର ସହର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ଗିରଫ କରାଯାଇଛି। ରାତି ପ୍ରାୟ ୨ଟାରୁ ସାଢେ ୨ଟା ଭିତରେ ଏହି ଘଟଣା ଘଟିଛି। ଭିତରେ ପଥର ଓ ବାହାରେ ହେମ ଦସ୍ତା ପୁଆ ପଡ଼ିଥିବାରୁ ସେଥିରେ ମୁଣ୍ଡକୁ ଛେଚି ହତ୍ୟା କରା ଯାଇଥିବା ଜଣାପଡ଼ିଛି। ତିନିଟି ମୃତଶରୀର ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ମୁଣ୍ଡ ନଷ୍ଟ ହୋଇଯାଇଛି। ଖବର ପାଇ ଏସପି ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଥାନା ଆଇଆଇସି ପ୍ରଭାସ ସାହୁ ପୁଲିସ ଟିମ୍ ସହ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତ । ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସେଠୀକୁ ଜଗତସିଂହପୁର ସହର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ଗିରଫ କରାଯାଇଛି।

## ବାପାର ମୁଣ୍ଡ କାଟିନେଲା ପୁଅ

### ବାପାର କଟାମୁଣ୍ଡ ଧରି ଥାନାରେ ଆତ୍ମ ସମର୍ପଣ କଲା ପୁଅ

ମୟୂରଭଞ୍ଜ,୪/୩: ପୁଅ ପାଲଟିଲା ସଇତାନ। ବାପାକୁ ହତ୍ୟା କରି ମୁଣ୍ଡ ନେଇ ଥାନାରେ ପହଞ୍ଚିଲା। ଏଭଳି ଲୋମହର୍ଷଣକାରୀ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ଚାନ୍ଦୁଆ ଗାଁରେ। ମୃତ ବୃଦ୍ଧ ଜଣଙ୍କ ହେଲେ ବାଇଧର ସିଂ। ପୁଲିସ ଅଭିଯୁକ୍ତ ସମ୍ଭୁନାଥ ସିଂକୁ ଗିରଫ କରିଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବ ରାତିରେ ସାନ ପୁଅ ସମ୍ଭୁନାଥ ଧାରୁଆ ଅସ୍ତ୍ରରେ ବାଇଧରଙ୍କ ଉପରେ ଆକ୍ରମଣ କରିଥିଲା। ବାପାକୁ ହାଣି ଦିଗଡ କରିଥିଲା। ବାପାକୁ ହାଣୁଥିବା ଦେଖି ମା' ଦୌଡ଼ି ଆସିଥିଲା। ପୁଅ କବଳରୁ ନିଜ ସ୍ୱାମୀକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା।ରାକ୍ଷସ ପାଲଟିଥିବା ପୁଅ ମଧ ମା'କୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲା। ମା' ଜୀବନ ବଞ୍ଚାଇ ସେଠାରୁ ଖସି ଯାଇଥିଲେ। ପରେ ପୁଅ ବାପାର ମୁଣ୍ଡକୁ ନେଇ ଥାନାରେ ପହଞ୍ଚିଥିଲା ଓ ପୁଲିସ ନିକଟରେ ଆତ୍ମସର୍ମପଣ କରିଥିଲା। ଆଜି ସକାଳେ ବାଇଧରଙ୍କ ମୃତଦେହ ଘର ସମ୍ମୁଖ ପିଣ୍ଡାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ବାଇଧରଙ୍କ ଗଣ୍ଡି ପଡ଼ିଥିବା ବେଳେ ମୁଣ୍ଡ ନଥିଲା। ଗ୍ରାମବାସୀ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ଗୁଣିଗାରେଡି ଶିଖୁଥିଲା। ଏଥିପାଇଁ ଏହି ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହକୁ ଉଦ୍ଧାର ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ମୃତ ବାଇଧରଙ୍କର ୩ ପୁଅ । ସମସ୍ତେ ମିଶିକରି ରହୁଥିଲେ।

## ନବୀନଙ୍କୁ ମୋହନଙ୍କ ନିମନ୍ତ୍ରଣ

ଭୁବନେଶ୍ୱର,୪/୩: ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଜୁ ଜୟନ୍ତୀରେ ସାମିଲ ହେବା ପାଇଁ ନିମନ୍ତ୍ରଣ ଦେଲେ । ମାର୍ଚ୍ଚ ୫ ତାରିଖ ସନ୍ଧ୍ୟା ୭ଟାରେ ଜୟଦେବ ଭବନରେ କାଯ୍ୟକ୍ରମ ହେବ । କାଯ୍ୟକ୍ରମରେ ସାମିଲ ହେବା ପାଇଁ ନବୀନଙ୍କୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଚିଠିରେ ଉଲ୍ଲେଖ କରିଛନ୍ତି ଆସନ୍ତା କାଲି ବିଜୁ ଜୟନ୍ତୀ ପାଳନ କରାଯିବ ଏଣୁ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ସାମିଲ ହୁଅନ୍ତୁ । ଅନ୍ୟପଟେ ପଞ୍ଚାୟତି ରାଜ ଦିବସ ପାଳନକୁ ନେଇ ସରକାର ସ୍ପଷ୍ଟ ଆଭିମୁଖ୍ୟ ରଖିଛନ୍ତି , ଯେ ମାର୍ଚ୍ଚ ୫ରେ ଆଉ ପଞ୍ଚାୟତିରାଜ ଦିବସ ପାଳଳନ ହେବନି , ଏପ୍ରିଲ ୨୪ ତାରିଖରେ ଜାତୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯିବ ।

## ୫ ବୃହତ ଜଳସେଚନ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪/୩: ଜଳ ସମ୍ପଦ ବିଭାଗର ବିଭିନ୍ନ ଡ୍ୟାମ ଓ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଉପରେ ସମୀକ୍ଷା କରି ୫ଟି ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ଲୋକସେବା ଭବନରେ ବୈଠକରେ ସୁନ୍ଦରଗଡ଼ ଜିଲ୍ଲାରେ ଇବ ଜଳସେଚନ ପ୍ରକଳ୍ପ, ବରଗଡ଼ ଜିଲ୍ଲାରେ ଅଙ୍ଗ ଜଳସେଚନ ପ୍ରକଳ୍ପ, କେନ୍ଦୁଝର ଜିଲ୍ଲାରେ ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ, ଝାରପଡା ଜଳସେଚନ ପ୍ରକଳ୍ପ, ଓ କାନୁପୁର ଜଳସେଚନ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡିକ କିପରି ତ୍ୱରାନ୍ୱିତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଦୀର୍ଘ ଦିନ ଧରି ପ୍ରସ୍ତାବିତ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସମସ୍ତ ଅଂଚଳରେ ଚାଷୀମାନଙ୍କ ଜଳସେଚନ ସମସ୍ୟା ଦୂର କରିବା ପାଇଁ ବ୍ୟାରେଜ ଏବଂ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ । ଉଭୟ ଖରିଫ୍ ଏବଂ ରବି ଋତୁରେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ ଭାଇଭଉଣୀମାନେ ଉପକୃତ ହେବା ଦରକାର । ଏଥିସହିତ ଉକ୍ତ ଅଂଚଳରେ ଏହି ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ମଧ ବ୍ୟବସ୍ଥିତ କରାଯାଇ ପାରିବ । ଇବ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧,୦୬,୨୭୯ ହେକ୍ଟର ଜମି ଜଳସେଚିତ ହୋଇପାରିବ । ସେହିପରି ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦,୦୦୦ ହେକ୍ଟର, ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ୩୧,୮୩୫ ହେକ୍ଟର, କେନ୍ଦୁଝରର ଝାରପଡା ଜଳସେଚନ ପ୍ରକଳ୍ପ ଦ୍ୱାରା ୧୭,୫୦୦ ହେକ୍ଟର, ଓ କାନୁପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୯,୫୭୮ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆ ଯାଇ ପାରିବ । ଏହି ୫ଟି ପ୍ରକଳ୍ପ ଦ୍ୱାରା ସମୁଦାୟ ୨,୧୫, ୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ । ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି

ଭୁବନେଶ୍ୱର,୪/୩: ବିଜୁ ଜୟନ୍ତୀରେ ସରକାରୀ ଛୁଟି ବାତିଲ । ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରା ନଯିବା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି । ଭୂମିପୁତ୍ର ବିଜୁ ପଟ୍ଟନାୟକ ଅସମ୍ମାନ କରାଯାଉଥିବା ପ୍ରତିବାଦରେ ଭୁବନେଶ୍ୱର ବିମାନବନ୍ଦର ନିକଟରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ନୀରବ ପ୍ରତିବାଦ କରୁଛି ବିଜେଡି । ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି, ଓଡ଼ିଶାବାସୀଙ୍କୁ ଅପମାନିତ କରିବାର କେଣସି ସୁଯୋଗ ହାତଛଡ଼ା କରୁନି । ମହାପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରିବା ସହ ୯୦ ଦଶକର ପରମ୍ପରାକୁ ଭାଙ୍ଗି ଦେଇଛନ୍ତି । କେବଳ ଓଡ଼ିଶା କି ଭାରତ ନୁହେଁ, ସାରା ବିଶ୍ୱରେ ବରପୁତ୍ରର ଆଖ୍ୟା ପାଇଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଡବଲ ଇଂଜିନ ସରକାର ଅସମ୍ମାନ ପ୍ରଦର୍ଶନ କରିଛି । ବିଜେଡି ପକ୍ଷରୁ କୁହାଯାଇଛି, ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ ନ କରି ବିଜୁବାବୁଙ୍କୁ ଅସମ୍ମାନ କରିଛନ୍ତି ରାଜ୍ୟ ସରକାର । ବିଜୁ ପଟ୍ଟନାୟକ ବିଜେଡିର ନୁହଁନ୍ତି । ସେ ଦେଶର ଟଲେଷ୍ଟ ନେତା । ସାରା ବିଶ୍ୱରେ ଲୋକେ ତାଙ୍କୁ ମନେ ରଖିଛନ୍ତି । ଗତ ୩୦ ବର୍ଷ ଧରି ରାଜ୍ୟ ସରକାର ଏହି ଦିବସ ପାଳନ କରୁଥିଲେ । ଏବେର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ସମୟରେ ଏହାକୁ ବିରୋଧ କରି ନଥିଲେ । କିନ୍ତୁ ଏବେ ଷଡଯନ୍ତ କରି ରାଜନୈତିକ ଉଦ୍ଦେଶ୍ୟ ରଖି ମହାପୁରୁଷଙ୍କୁ ଅସମ୍ମାନ କରିଛନ୍ତି । ବିଜୁବାବୁଙ୍କ ପ୍ରତି ଏଭଳି ହିନମନ୍ୟତା ରାଜ୍ୟବାସୀ କେବେ କ୍ଷମା ଦେବେନାହିଁ ।

## ମହେଶଙ୍କୁ ଏନକାଉଣ୍ଟର; ବାମ ଗୋଡ଼ରେ ବାଜିଛି ଗୁଳି

ସମ୍ବଲପୁର, ୪/୩: ମହେଶ ପୁଲିସକୁ ଦେଖି ଖସି ପଳାଇବା ପାଇଁ ଉଦ୍ୟମ କରିଥିଲା ଓ ଏଥିସହ ପୁଲିସ ଉପରକୁ ଗୁଳି କରିଥିଲା। ପୁଲିସ ମଧ ପାଲଟା ଗୁଳି ଚାଳନା କରିଥିଲା। ମହେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ତାକୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ସମ୍ବଲପୁରରେ ଫୁଟିଲା ଗୁଳି । ଦୁର୍ଦ୍ଦାନ୍ତ ଅପରାଧୀ ମହେଶ କୁମାରକୁ ଏନକାଉଣ୍ଟର କରିଛି ପୋଲିସ। ମହେଶର ବାମ ଗୋଡ଼ରେ ଗୁଳି ବାଜିଛି। ତାକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ମହେଶକୁ ପୁଲିସ ପୂର୍ବରୁ ଟ୍ରାକ୍ କରୁଥିଲା। ଆଜି ଭୋର୍ ୫ଟା ବେଳେ ଅଇଁଠାପାଲି ଥାନା ଲମଡୁଙ୍ଗୁରୀ ନିକଟରେ ମହେଶ ଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ପୁଲିସ ମହେଶକୁ ଧରିବାକୁ ଉଦ୍ୟମ କରିଥିଲା।ମହେଶ ପୁଲିସକୁ ଦେଖି ଖସି ପଳାଇବା ପାଇଁ ଉଦ୍ୟମ କରିଥିଲା ଓ ଏଥିସହ ପୁଲିସ ଉପରକୁ ଗୁଳି କରିଥିଲା। ପୁଲିସ ମଧ ପାଲଟା ଗୁଳି ଚାଳନା କରିଥିଲା। ମହେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ତାକୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ମହେଶ ନାଁରେ ସମ୍ବଲପୁର ଓ ବରଗଡ଼ରେ ଅପରାଧିକ ମାମଲା ରହିଛି। ପୁଲିସ ତା' ନିକଟରୁ ବନ୍ଧୁକ ସହ ନଗଦ ୪୦ ହଜାର ଟଙ୍କା ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ୨ଟି ଖୋକା ଜବତ କରଛି ।

## ବଦଳିବ କ୍ୟାପିଟାଲ ହସ୍ପିଟାଲ ରଙ୍ଗ: ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୪/୩: ରାଜ୍ୟରେ ସରକାର ବଦଳିଛନ୍ତି। ପୂର୍ବରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ରଙ୍ଗ ବଦଳାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ରାଜ୍ୟର ବିଭିନ୍ନ ମେଡିକାଲର ରଙ୍ଗ ବଦଳିବ । ବିଶେଷକରି କ୍ୟାପିଟାଲ ହସ୍ପିଟାଲ ଏବଂ କଟକ ବଡ଼ ମେଡିକାଲର ରଙ୍ଗ ବଦଳିବ। ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି । କ୍ୟାପିଟାଲ ହସ୍ପିଟାଲର କେତେକ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସମ୍ପୂର୍ଣ୍ଣ ହେବା ପରେ ରଙ୍ଗ ବଦଳାଯିବ । ବିଜେପି ସରକାରଙ୍କର ଏହି ରଙ୍ଗ ବଦଳାଇବା କାର୍ଯ୍ୟକୁ ବିଜେଡି ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ସରକାରୀ କୋଠାର ରଙ୍ଗ ବଦଳାଇବାକୁ ସରକାରଙ୍କ ନିଷ୍ପତ୍ତିକୁ ବିଜେଡି କଡ଼ା ସମାଲୋଚନା କରିଛି । ବିଜେଡି ପକ୍ଷରୁ କୁହାଯାଇଛି, ରଙ୍ଗ ବଦଳାଇଲେ ସରକାରଙ୍କ ଚରିତ୍ର ବଦଳି ଯାଏନି । ସୁଶାସନ ଦେଲେ ଲୋକେ ଭଲ ପାଇବେ, ରଙ୍ଗ ବଦଳାଇଲେ ନୁହେଁ । ଏଭଳି କରି ସରକାର ଅଯଥା ଖର୍ଚ୍ଚ କରୁଛନ୍ତି।

## ଓଡ଼ିଶାରେ ଚାଲିବ ସବୁଜ ହାଇଡ୍ରୋଜେନ୍ ବସ୍

ଭୁବନେଶ୍ୱର,୪/୩: କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିସନ ଅନ୍ତର୍ଗତ ପରୀକ୍ଷାମୂଳକ ଭାବରେ ଓଡ଼ିଶାରେ ଖୁବ୍ ଶୀଘ୍ର ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଭୁବନେଶ୍ୱର-କୋଣାର୍କ-ପୁରୀ ରୁଟ୍ ସମେତ ଦେଶର ବିଭିନ୍ନ ରୁଟ୍‌ରେ ମୋଟ ୩୭ଟି ଯାନ (ବସ୍ ଏବଂ ଟ୍ରକ୍) ଚଳାଚଳ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ସହିତ ନଅଟି ହାଇଡ୍ରୋଜେନ୍ ରିଫ୍ୟୁଏଲ୍ ଷ୍ଟେସନ୍ ସହିତ ପାଞ୍ଚଟି ପାଇଲଟ୍ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ।ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଆରଏଆଇ) ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ୧୯.୫ କୋଟି ଟଙ୍କା ନିବେଶରେ ଓଡ଼ିଶାରେ ସବୁଜ ହାଇଡ୍ରୋଜେନ୍ ବସ୍ କାର୍ଯ୍ୟକାରୀ କରିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ନ୍ୟାସନାଲ୍ ଥର୍ମାଲ୍ ପାୱାର କର୍ପୋରେସନ୍ (ଏନଟିପିସି), ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା (ଗ୍ରୀଡକୋ) ଏବଂ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୟୁଟି) ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ପରୀକ୍ଷାମୂଳକ ଭାବରେ ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବା ପାଇଁ ଅନ୍ୟ ଯେଉଁ ରୁଟ୍ ?ଗୁଡ଼ିକ ରହିଛି ସେଗୁଡ଼ିକ ହେଉଛି ଗ୍ରେଟର ନୋଏଡା-ଦିଲ୍ଲୀ-ଆଗ୍ରା, ଅହମ୍ମଦାବାଦ-ବଡୋଦରା-ସୁରଟ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ପୁଣେ-ମୁମ୍ବାଇ, ଜାମସେଦପୁର-କଳିଙ୍ଗ ନଗର, ତିରୁବନନ୍ତପୁରମ-କୋଚି, କୋଚି-ଏଡାପାଲି, ଜାମନଗର-ଅହମ୍ମଦାବାଦ, ଏବଂ ଏନଏଚ-୧୬ ବିଶାଖାପାଟଣା-ବାୟାଭରମ।



# ଦୁଇ ଗାଁର ଭରସା ଗୋଟିଏ ନଳକୂପ

## ଧାଡ଼ିରେ ରହୁଛି ଗରା,ବାଲ୍‌ଟି; ପାଳି ପଡ଼ିଲେ ମିଳୁଛି ପାଣି



ରାଜନଗର,୪/୩: ଦୁଇଟି ଗାଁରେ ଅଛନ୍ତି ୫୦୦ ଲୋକ। ସେମାନଙ୍କ ପାଇଁ ଅଛି ଗୋଟିଏ ନଳକୂପ। ଡହଡହ ଖରା ହେଉ କି' ମୂଷଳଧାରାରେ ବର୍ଷା; ମହିଳାମାନେ କାଦୁଅ ରାସ୍ତାରେ ଚାଲନ୍ତି। ବିପଦସଂକୁଳ ଅବସ୍ଥାର କେନାଲ ପାର ହୋଇ ପହଞ୍ଚନ୍ତି ନଳକୂପ ନିକଟରେ। ଗୋଟିଏ କିଲୋମିଟରରୁ ଅଧିକ ବାଟ ଚାଲି ନଳକୂପ ପାଖରେ ପହଞ୍ଚିବା ପରେ ବି' କମେ ନାହିଁ ଯନ୍ତ୍ରଣା। ଗରା, ବାଲ୍‌ଟିର ଲମ୍ବା ଧାଡ଼ି ଲାଗେ; ଆଉ ପାଳି ପଡ଼ିଲେ ମିଳେ ପାଣି। ପ୍ରତିଦିନ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳେ ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ତାଳଚୁଆ ପଞ୍ଚାୟତରେ। ତାଳଚୁଆ ପଞ୍ଚାୟତ ଅଧୀନ ରାଜପାଟଣା ଗାଁରେ ବସବାସ କରନ୍ତି ୩୦ ପରିବାରର ୨୦୦ ଲୋକ। ଏହି ଗାଁର ଲୋକଙ୍କ ପାଇଁ ପିଇବା ପାଣି ଟୋପାଏର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଗାଁ ଲୋକ ପାଣି ପାଇଁ ୧ କିମି ଦୂର ଜ୍ୟୋତିପ୍ରସାଦ ଗାଁରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରନ୍ତି। ଜ୍ୟୋତିପ୍ରସାଦ ଗାଁରେ ରହୁଛନ୍ତି ୪୦ ପରିବାରର ୩୦୦ ଲୋକ। ଦୁଇ ଗାଁର ୫୦୦ ଲୋକ ପାଣି ପାଇଁ ସେହି ନଳକୂପ ଉପରେ ନିର୍ଭରଶୀଳ। ଫଳରେ ମହିଳାମାନଙ୍କୁ ପ୍ରତିଦିନ ପାଣି ନେବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ମହିଳାମାନେ ଗରା, ବାଲ୍‌ଟି ଧାଡ଼ିକରି ରଖନ୍ତି। ପାଳି ପଡ଼ିଲେ ପାଣି ନେଇ ଘରକୁ ଯା'ନ୍ତି। ଗୋଟିଏ ଗରାରେ ପାଣି ନେବା ପାଇଁ ୨ରୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡ଼େ। ଏଭଳି ସ୍ଥିତିରେ ଜ୍ୟୋତିପ୍ରସାଦ ଗାଁର ଲୋକ ନଳକୂପରୁ ପ୍ରଥମେ ପାଣି ନେବାକୁ ଦାବି କରିବାରୁ ଅଧିକାଂଶ ସମୟରେ ବଚସା ଆରମ୍ଭ ହୋଇଯାଏ। ଅନ୍ୟପଟେ, ରାଜପାଟଣା ଗାଁର ଲୋକମାନେ ଗରାଏ ପାଣି ପାଇଁ କେନାଲ ଉପରେ ବାଉଁଶରେ ତିଆରି ବିପଦସଂକୁଳ ଚାର ଓ କାଦୁଅ ରାସ୍ତା ଦେଇ ଦୁଇ କିଲୋମିଟର ଚାଲିବା ପରେ ଘରେ ପହଞ୍ଚନ୍ତି। ସାମାନ୍ୟ ବର୍ଷା ହେଲେ କାଦୁଅପୂର୍ଣ୍ଣ ରାସ୍ତାରେ ସୁରକ୍ଷିତ ଭାବେ ଘରକୁ ଫେରିବା କଷ୍ଟସାଧ ହୋଇପଡ଼େ। ସ୍ୱାଧୀନତାର ୭୬ ବର୍ଷ ପରେ ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେବା ଘଟଣା ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରୁଛି। ଗାଁର ଆରସୁନ୍ ବିବି, ଜୁମେରା ବିବି, କ୍ଷୀରୋଜା ବିବି, ହସିନା ବିବି, ବୁଲ୍‌ବୁଲ୍ ବିବି, ରେବିନା ବିବି, ଜାନେରା ବିବି କୁହନ୍ତି, ୧୫ ବର୍ଷ ଧରି ନଳକୂପ ପାଇଁ ନେହୁରା ହେଉଛୁ। କେହି ଶୁଣୁନାହାନ୍ତି। ଜ୍ୟୋତିପ୍ରସାଦ ଗାଁରୁ ଗରାଏ ପାଣି ନେଇ ଘରେ ପହଞ୍ଚିବା ବେଳକୁ ୩ ଘଣ୍ଟା ବିତିଯାଉଛି। ଗାଁରେ ନଳକୂପଟିଏ ବସୁ ନ ଥିବାରୁ ଗ୍ରାମବାସୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ରାଜପାଟଣା ଗାଁରେ ଅଗ୍ରାଧିକାର ଭିତ୍ତିରେ ନଳକୂପ ବସାଯିବ ବୋଲି ସେ କହିଛନ୍ତି।

# ବିଶ୍ୱ ବନ୍ୟପ୍ରାଣୀ ଦିବସ

## ବନ୍ୟଜନ୍ତୁ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ



ଅସ୍ତରଙ୍ଗ,୪।୩: ବିଶ୍ୱ ବନ୍ୟପ୍ରାଣୀ ଦିବସ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖରେ ପାଳନ କରାଯାଇଥାଏ। ଏହି ଦିନଟି ବିଶ୍ୱବ୍ୟାପୀ ବନ୍ୟଜନ୍ତୁ ଏବଂ ଜଙ୍ଗଲ ସଂରକ୍ଷଣ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ପାଳନ କରାଯାଏ। ୨୦୧୩ ମସିହାରେ ଜଣେ ଜାତିସଂଘ ପ୍ରତିନିଧି ଏହି ଦିନଟି ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ ଏବଂ ୨୦୧୪ରୁ ଏହି ଦିନ ପାଳନ ଆରମ୍ଭ ହୋଇଥିଲା।ବିଶ୍ୱ ବନ୍ୟପ୍ରାଣୀ ଦିବସ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅବସର ଯେଉଁଠି ଲୋକମାନେ ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନ ହୋଇଥାନ୍ତି।ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ପୃଥିବୀରେ ବହୁ ପ୍ରଜାତିର ବନ୍ୟଜନ୍ତୁ ଏବଂ ବୃକ୍ଷ ଲତା ଅଛନ୍ତି। କିନ୍ତୁ ଜଳବାୟୁ ପରିବର୍ତ୍ତନ,ଜନସଂଖ୍ୟା ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଓ ଅବାଧ ଜଙ୍ଗଲ କ୍ଷୟ, ବନ୍ୟଜନ୍ତୁ ଶିକାର ପ୍ରଭୃତି ଯୋଗୁଁ ବନ୍ୟପ୍ରାଣୀ ସହ ଜଙ୍ଗଲ ବୃକ୍ଷ ଲତା ପ୍ରତି ସଂକଟ ସୃଷ୍ଟି ହୋଇଛି।ଫଳରେ ସଂଖ୍ୟାଧିକ ପ୍ରଜାତିର ବନ୍ୟଜନ୍ତୁ ବିଲୁପ୍ତି ହେବାକୁ ଯାଉଛି। ଏହି ଦିନର ଉଦ୍ଦେଶ୍ୟ ହେଉଛି ଏମାନଙ୍କ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସବୁଜିମା ଏବଂ ଜୈବ ବିବିଧତା ସଂରକ୍ଷଣ କରିବା ଏବେ ସମଗ୍ର ବିଶ୍ୱ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ଦିନଟିରେ ଲୋକଙ୍କ ମଧ୍ୟରେ ଏକ ନୂଆ ସଚେତନତା ସୃଷ୍ଟି କରି ମନୁଷ୍ୟ ଏବଂ ପ୍ରାକୃତିକ ପରିବେଶ ମଧ୍ୟରେ ସମନ୍ୱୟ ରଖିବାର ସମୟ ଉପନୀତ ହୋଇଛି। ଏହି ଦିନର ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସଚେତନତା ଅଭିଯାନ କରାଯାଉଛି। ବନ୍ୟଜନ୍ତୁ ଏବଂ ପ୍ରାକୃତିକ ସବୁଜିମା ପରିବେଶ ଆମ ଜୀବନ ଶୃଙ୍ଖଳାର ଅଂଶ। ଏହାର ବିନାଶ ରୋକିବା ପାଇଁ ସବୁ ସ୍ତରରେ ପ୍ରୟାସ ହେବା ଜରୁରୀ ବୋଲି ପରିବେଶବିତ୍ ଶୋଭାକର ବେହେରା କହିଛନ୍ତି।

# ଦୈନିକ ବଜାର ଭେଣ୍ଡିଂ ଜୋନ ମଦୁଆ ମାନଙ୍କ ଆଡ୍ଡା ସ୍ଥଳୀ



କାଶୀନଗର,୪/୩: ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଅଚାନକ କାଶୀନଗର ବସ ଷ୍ଟାଣ୍ଡ ଠାରେ ପହଞ୍ଚି ସେଠାରେ ହେଉଥିବା ଦୈନିକ ପରିବା, ମାଛ ଓ ମାଂସ ବଜାର ପରିଦର୍ଶନ କରି ସେଠାକାର ପରିବେଶ ପରିଚ୍ଛନ୍ନ ସ୍ୱଚ୍ଛତା ଦେଖି ତାଯୁବ ହୋଇ ଯାଇଥିଲେ. ସେଠାରେ ଥିବା ଭେଣ୍ଡିଂ ଜୋନ ଗୃହ ସବୁ ପରିତ୍ୟକ୍ତ ଅବସ୍ଥାରେ ବ୍ୟବହୃତ ନ ହୋଇ ମଦୁଆ ମାନଙ୍କ ଆଡ୍ଡା ସ୍ଥଳରେ ପରିଣତ ହୋଇ ମଦ ବୋତଲ ସବୁ ଏଣେ ତେଣେ ପଡ଼ିଥିବା ଖୋଦ ବିଧାୟକ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇ ଥିଲେ। ମୁଖ୍ୟତଃ ସେଠାରେ ଅସ୍ଥାୟୀ ବ୍ୟବସାୟୀ ମାନେ ବସ ଷ୍ଟାଣ୍ଡ କବ୍ଜା କରି ରାସ୍ତା ଉପରେ ଠେଲା ଗାଡି, ରାସ୍ତା ଉପରେ ପରିବା ବିଛେଇ ବସ ଷ୍ଟାଣ୍ଡ କୁ ଅବରୋଧ କରିଥାନ୍ତି। ମାଛ ଓ ମାଂସ ବ୍ୟବସାୟୀ ମାନଙ୍କୁ ସେଠାରେ ସ୍ୱତନ୍ତ୍ର ଗୃହ ଯୋଗେଇ ଥିଲେ ସୁଦ୍ଧା ସେମାନେ ସେଠାରେ ମାଛ ମାଂସ ବିକ୍ରି ନ କରିବା ହେତୁ ରାତ୍ରି ସମୟରେ କିଛି ଅସାଧୁ ବ୍ୟକ୍ତି ମଦ୍ୟ ପାନ କରି ଆଡ୍ଡା ଜମେଇଥାନ୍ତି। ସେହି ମାଛ ବଜାର ନିକଟରେ ଏକ ଫିଲଟର ପାଣି ଯୋଗେଇବା ପାଇଁ ଟ୍ୟାଙ୍କ ରହିଛି ତାହା କେବେ ବ୍ୟବହାରରେ ଆସିବ କେହି ଜାଣି ନାହାନ୍ତି. କାଶୀନଗର ବାସୀ ଏହି ପରିବା ବଜାର ସହ ମାଛ ଓ ମାଂସ ବ୍ୟବସାୟୀ ମାନେ ବସ ଷ୍ଟାଣ୍ଡ ଅବରୋଧ ନ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଭେଣ୍ଡିଂ ଜୋନ ରେ ବିକ୍ରି କରିବା ପାଇଁ, ଏବଂ କାଶୀନଗର ସହର ବିକାଶରେ ଉପୁଜୁ ଥିବା ସମସ୍ୟାର ଶୀଘ୍ର ସମାଧାନ ସହ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ସ୍ମାରକ ପତ୍ର ବିଧାୟକଙ୍କୁ ଦେଇଥିଲେ. ଏହି ପରି କିଛି ମାସ ପୂର୍ବରୁ ଗଜପତି ଜିଲାପାଳ ପ୍ରତ୍ୟକ୍ଷ ଭାବେ ସମସ୍ୟା ସବୁ ଅନୁଧ୍ୟାନ କରି ଫେରିଥିଲେ ସୁଦ୍ଧା କୌଣସି ପରିବର୍ତ୍ତନ ଆଜି ଯାଏଁ ହୋଇ ନାହି।

# ଇନ୍ଦ୍ରାବତୀ ଜଳବନ୍ଦି ଅଞ୍ଚଳର ଦୁଃଖ

## ସକାଳୁ ଉଠିଲେ ୧୬ ଗାଁରେ ପାଣି ଚିନ୍ତା, ଦୂଷିତ ଜଳରେ ତୃଷା ନିବାରଣ, ଦୈନନ୍ଦିନ କାର୍ଯ୍ୟ



ଭବାନୀପାଟଣା,୪/୩: ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ବାସଚ୍ୟୁତ ହୋଇଥିବା ୧୬ଟି ଗାଁର ଲୋକଙ୍କ ପାଇଁ ଏଯାବତ ପାନୀୟଜଳ ସୁବିଧା ହୋଇ ପାରିଲାନାହିଁ। ଜଳଭଣ୍ଡାରର ଜଳବନ୍ଦି ଅଞ୍ଚଳରେ ଥିବା ଗ୍ରାମବାସୀଙ୍କ ସମସ୍ୟା ଦିନକୁ ଦିନ ବଢୁଛି ପଛେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ବାଧ ହୋଇ ସେମାନେ ଦୂଷିତ ପାଣିରେ ଶୋଷ ମେଣ୍ଟାଉଛନ୍ତି। ଇନ୍ଦ୍ରାବତୀ ପାଇଁ କଳାହାଣ୍ଡି ବିକାଶର ମଡେଲ୍ ହୋଇଥିବା ବେଳେ ବୁନ୍ଦାଏ ପାନୀୟଜଳ ପାଇଁ ଭିଟାମାଟି ହରାଇଥିବା ଲୋକେ ତହଲବିକଳ ହେଉଛନ୍ତି। ଏହି ବାସ୍ତୁହରାଙ୍କ ପାଇଁ ପାନୀୟଜଳ ସାତସପନ ପାଲଟିଛି। ଇନ୍ଦ୍ରାବତୀ ପ୍ରକଳ୍ପ ପରେ ବିସ୍ଥାପିତ ହୋଇଥିବା କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ପୋଡ଼ାପଦର ପଞ୍ଚାୟତର ତଳଟେମେରା, ଡିପଟେମେରା, ଭୁରଭୁରି ଟେମେରା, ତଳପଙ୍ଗା, ଉପରପଙ୍ଗା, କଲାଟି, ଗୁଞ୍ଜମାଳି, ପୋଡ଼ାପଦର, ଲିଟିମସ୍କା, କରଭାଡ଼ି, ତେନ୍ତୁଳିପଦର, ଭିତରଡ଼ଙ୍ଗା, ଘୁଟରୁଖାଲ, ଝିରି, ସରାଫାସ ଗାଁ ସମେତ ୧୬ଟି ଗାଁ ଜଳଭଣ୍ଡାରରେ ଜଳବନ୍ଦି ହୋଇ ରହିଛି। ଚାରିଆଡ଼େ ଜଳଭଣ୍ଡାରର ପାଣି ଥିବା ବେଳେ ଜଳବନ୍ଦି ଅଞ୍ଚଳର ଲୋକେ ପାନୀୟଜଳ ଅଭାବ ଯୋଗୁଁ ଦୂଷିତ ପାଣିରେ ଶୋଷ ମେଣ୍ଟାଉଛନ୍ତି। ବିଶେଷ କରି ଜଳବନ୍ଦି ଗାଁ ତଳଟେମେରାର ଲୋକେ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏମିତିକି ପିଇବାକୁ ପାଣି ନ ପାଇ ପାଖରେ ବହୁଥିବା ନାଳ ଓ ଏକ ପରିତ୍ୟକ୍ତ କୂଅର ପାଣିକୁ ଆଣି ପିଉଛନ୍ତି। ଏହି ଗ୍ରାମରେ ପ୍ରାୟ ୪୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୭୦ରୁ ଅଧିକ। ଏମାନେ ଆଦିବାସୀ ସଂପ୍ରଦାୟର। ସକାଳୁ ଉଠିଲା ମାତ୍ରେ ଏଠି ପାନୀୟଜଳର ଚିନ୍ତା କରିବାକୁ ପଡ଼େ। ଗାଁରେ ମାତ୍ର ଦୁଇଟି ନଳକୂଅ ରହିଛି। ସେଥିରୁ କେବେ ପାଣି ବାହାରେ ତ କେବେ ହାଣ୍ଡେଲ୍ ମାରି ମାରି ନୟାନ୍ତ ହେଲେ ସୁଦ୍ଧା ପାଣି ଟୋପାଏ ମିଳେ ନାହିଁ। ଫଳରେ ପାଖରେ ଥିବା ଏକ ପରିତ୍ୟକ୍ତ କୂଅର ପାଣି ପିଇବା ପାଇଁ ଗାଁ ଲୋକେ ବାଧ ହେଉଛନ୍ତି। ଦୂଷିତ ପାଣି ପିଇବା ଯୋଗୁଁ ସେମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଲୋକଙ୍କ ହାତପାହାନ୍ତାରେ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଛନ୍ତି। ହେଲେ ଏହି ଜଳବନ୍ଦି ଅଞ୍ଚଳର ଲୋକଙ୍କ ପାଖକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କେବେ ହେବ ତାହା ଏବେ ବି ବଡ଼ ପ୍ରଶ୍ନବାଚୀ ହୋଇ ରହିଛି। ତଳଟେମେରା ଗାଁ ତା'ର ଏକ ଉଦାହରଣ ମାତ୍ର। ଅନ୍ୟ ୧୬ଟି ଜଳବନ୍ଦି ଗାଁରେ ପାନୀୟଜଳ ସମସ୍ୟା ଅତି ଉତ୍କଟ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଚିଚିଆ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଜନ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ



ଗୋଲାମୁଣ୍ଡା, ୪/୩: ଜନ ସାଧାରଣଙ୍କ ମୌଳିକ ସୁବିଧା ପାଇଁ ପ୍ରତି ଗ୍ରାମ ପଞ୍ଚାୟତ ଅଧିନରେ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ଏହି ଅବସରରେ ଆଜି ଚିଚିଆ ଗ୍ରାମ ପଞ୍ଚାୟତରେ ଯୁଗ୍ମ ଜନ ଶୁଣାଣୀ କାର୍ଯ୍ୟକ୍ରମ ହୋଇଥିଲା ।ଏହି ଶିବିରରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱରେ ନେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ଚିଚିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ମଦନ ପଟେଲ, ଓ ଚିଚିଆ ଗ୍ରାମ ପଞ୍ଚାୟତର ଅନ୍ୟାନ କର୍ମକର୍ତ୍ତା ଖଗେଶ୍ୱର ବଗର୍ତ୍ତୀ, ଅଜିତ କୁମାର ସାହୁ, ଶିବ ପ୍ରସାଦ ବିଶ୍ୱାଳ, ସୁବାଷ କୁମାର ପଣ୍ଡା, ଦିବ୍ୟ ରଂଜନ ଭୋଇ, ଚନ୍ଦନ ବିହାରୀ, କ୍ଷେତ୍ରମୋହନ ମାଝୀ, ନନ୍ଦିନି ଶବର, ସୁବ୍ରତ କୁମାର ମିଶ୍ର, ସୁନିଲ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ଥିବା ବେଳେ ପଣ୍ଡକୁଲ୍ ବଟେଶ୍ୱର ମହାଦେବ ମନ୍ଦିର ପାଇଁ ଅନୁଦାନ ଯୋଗାଇ ଦେବା ପାଇଁ କମିଟି ପକ୍ଷରୁ ଦରଖାସ୍ତ ଦାଖଲ କରିଥିବା ବେଳେ ନିଶ୍ଚୟ ଅନୁଦାନ ଯୋଗାଇ ଦେବା ପାଇଁ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଓ ବିଡ଼ିଓ ଶ୍ରୀଧର ପଣ୍ଡା ପ୍ରତିଶୃତି ଦେଇଛନ୍ତି । ସେହିପରି ବଡ଼ ଚେରଗାଁ ପଂଚାୟତର ଗୁଣ୍ଡରି ଗ୍ରାମର ପଦ୍ମାବତୀ ଜାନୀ ଙ୍କୁ ଗାଁ ସାଥୀ ମେଟ୍ ରେ ବାଦ ଦେଇ ଅନ୍ୟ ଜଣେ ମହିଳାଙ୍କୁ ଗ୍ରାମର ଜନ ସାଧାରଣଙ୍କ ଅଜାଣତରେ ପଂଚାୟତ କର୍ମଚାରୀ ମାନେ ମନୋନୀତ କରିଥିବା ଅଭିଯୋଗରେ ବହୁ ସଂଖ୍ୟକ ଭାବେ ଗ୍ରାମବାସୀ ବିଡ଼ିଓ ଙ୍କ ନିକଟରେ ଅଭିଯୋଗ କରିଥିଲେ ।ଏହାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ, ଏହା ପରେ ଚିଚିଆ ଗ୍ରାମ ପଞ୍ଚାୟତ କୃଷି ଅଧିକାରୀ ଅଜିତ କୁମାର ସାହୁ ଚାଷୀ ମାନଙ୍କ ପ୍ରତି କୀଟ ନାଶକ ଯନ୍ତ୍ର ଉପସ୍ଥାପନ କରିଥିବାରୁ ତାଙ୍କୁ ବ୍ଲକ ଅଧ୍ୟକ୍ଷ ଓ ବିଡ଼ିଓ ସାର ଧନ୍ୟବାଦ୍ ଜ୍ଞାପନ ଜଣାଇଥିଲେ, ସେହି ଭଳି ବାର୍ଦ୍ଧକ୍ୟ ଭତା, ସରକାରୀ ଆବାସ ଗୃହ, ଜମି ମରାମତି ଇତ୍ୟାଦି ବିଷୟରେ ଜଣାଇଥିଲେ ।

# ମନ୍ମଥଙ୍କ ଦ୍ୱିତୀୟ ଇଂନିସ: ପ୍ରଥମ ସ୍ତ୍ରୀଙ୍କ ଭଉଣୀକୁ କଲେ ବିବାହ, ଆସିଲେନି ବାପା ଏବଂ ଭାଇ



ଭୁବନେଶ୍ୱର: ପ୍ରଥମ ସ୍ତ୍ରୀର ଭଉଣୀଙ୍କୁ ବାହା ହେଲେ। ବାପା କି ଭାଇ ବାହାଘରକୁ ଗଲେ ନାହିଁ। ଲୁଚି ଲୁଚି ବାହା ହୋଇଗଲେ ମନ୍ମଥ। ସହରରେ ନୁହେଁ, ସହର ଉପକଣ୍ଠରେ ହେଲେ ବାହା । ବରଯାତ୍ରୀରେ ବଜାଇଲେ ହେ ନବୀନ୍ ବାବୁ ଆମେ ତମ ଫ୍ୟାନ୍ । ହଁ ଆମେ କହୁଛୁ ବିଜେଡିର ଯୁବ ନେତା, ତଥା ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ହୋଇଥିବା କ୍ୟାପଟେନ ମନ୍ମଥ ରାଉତରାୟ। ତାଙ୍କର ଆଉ ଏକ ବଡ଼ ପରିଚୟ ହେଉଛି, ସେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ର ବରିଷ୍ଠ ନେତା ତଥା ବିଗତ ଦିନର ଜଟଣୀ ଏମଏଲଏ ସୁର ରାଉତରାୟ ଙ୍କ ସାନ ପୁଅ । ମନ୍ମଥ ଦ୍ୱିତୀୟ ବିବାହ କରିଛନ୍ତି। ନିଜ ପ୍ରଥମ ପତ୍ନୀଙ୍କୁ ପ୍ରାୟ ଦୁଇ ବର୍ଷ ତଳେ ସେ ଛାଡପତ୍ର ଦେଇଥିଲେ । ଏବେ ପୁଣି ସେ ବିବାହ କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଞ୍ଚଳରେ ଥିବା ଏକ ରିସର୍ଟ ରେ କିଛି ହାତ ଗଣତି ଅତିଥିଙ୍କ ମେଳରେ ବାହା ହୋଇଛନ୍ତି । ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି। ଭୁବନେଶ୍ୱର ପଟିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ସେ ବିବାହ କରିଛନ୍ତି। ତାଙ୍କ ନାମ ରୋଜାଲିନ ପଟ୍ଟନାୟକ । ରୋଜାଲିନଙ୍କୁ ସେ ପ୍ରେମ ବିବାହ କରିଛନ୍ତି । ରୋଚକ କଥା ହେଉଛି ମନ୍ମଥ ଙ୍କ ବରଯାତ୍ରୀ ରୋଷଣୀରେ ହେ ନବୀନ ବାବୁ ଗୀତ ବାଜୁଥିଲା। ଆଉ ସମସ୍ତେ ନାଚୁ ଥିଲେ । ଉଭୟ ମନ୍ମଥ ଏବଂ ରୋଜାଲିନ ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଛି । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିବାହରେ ଉପସ୍ଥିତ ନଥିଲେ ବାପା ସୁର ରାଉତରାୟ ଓ ବଡ଼ ଭାଇ ସିଦ୍ଧାର୍ଥ ରାଉତରାୟ । ଭିଡିଓରୁ ଯାହା ଦେଖାଯାଇଛି ମନ୍ମଥଙ୍କ ସମ୍ପର୍କୀୟ ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ବରଯାତ୍ରୀ ଭାବେ ଯାଇଥିଲେ। ଶୁଣିବାକୁ ମିଳୁଛି ମନ୍ମଥ ଙ୍କ ଦ୍ୱିତୀୟ ପତ୍ନୀ ରୋଜାଲିନ ହେଉଛନ୍ତି ମନ୍ମଥଙ୍କ ପ୍ରଥମ ପତ୍ନୀଙ୍କ ସମ୍ପର୍କୀୟ ଭଉଣୀ। ସେ ମୁମ୍ବାଇର ଏକ ବ୍ୟାଙ୍କରେ କାମ କରନ୍ତି। ଆସନ୍ତାକାଲି(ବୁଧବାର) ଭୁବନେଶ୍ୱରର ଏକ ତାରକା ହୋଟେଲରେ ଭୋଜି ଦେବାର କାର୍ଯ୍ୟକ୍ରମ ରହିଛି।

# ୫ ବର୍ଷ ର ନାବାଳିକା କୁ ଦୁଷ୍କର୍ମ ଷାଠିଏ ବର୍ଷୀୟ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା (୦୪/୦୨) ଡେରାବିଶ ବ୍ଲକ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳ ର ଅରତାମୂଳ ଠାରେ ଏକ ଲଜ୍ଜା ଜନକ ଘଟଣା ଘଟି ଜାଇଛି । ଗୋଟେ ପାଞ୍ଚ ବର୍ଷୀୟା ନାବାଳିକା ନିଷ୍ପାପ ଶିଶୁ କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗ ରେ ଜଣେ ଅଭିଯୁକ୍ତ ପ୍ରଭାକର ମଲ୍ଲିକ କୁ ଗିରଫ କରିଛି ସଦର ପୋଲିସ . ସୂଚନା ମୁତାବକ ନାବାଳିକା ଙ୍କ ମା କେନ୍ଦ୍ରାପଡ଼ା ସଦର ଥାନା ରେ ଅଭିଯୋଗ କରିବା ପରେ ସଦର ଥାନା ପୋଲିସ ଅଭିଯୁକ୍ତ ପ୍ରଭାକର ମଲ୍ଲିକ କୁ ଗିରଫ କରିଛନ୍ତି. ଅଭିଯୋଗ ମୁତାବକ ନାବାଳିକା ଜଣକ ଖେଳୁଥିବା ସମୟରେ ଅଭିଯୁକ୍ତ ପ୍ରଭାକର ନାବାଳିକା ଙ୍କୁ ଡ଼ାକିନେଇ ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲା । ଏନେଇ ନାବାଳିକା ଘରେ ଜଣାଇବାରୁ ଆଉ ନାବାଳିକାଙ୍କ ଘରଲୋକେ ଜାଣିବା ପରେ ଗତକାଲି ସନ୍ଧ୍ୟକ୍ଷ ରେ କେନ୍ଦ୍ରାପଡ଼ା ସଦର ଥାନା ରେ ଅଭିଯୋଗ କରିଥିଲେ । ଏ ଘଟଣା କୁ ପୋଲିସ ଗୁରୁତର ସହ ନେଇ ୧୧୪/୨୫ ରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଜାରି ରଖିଥିଲେ ।ପରେ ଆଜି ସଦର ପୋଲିସ ଅଭିଯୁକ୍ତ ପ୍ରଭାକର ମଲ୍ଲିକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି । ନାବାଳିକା ଜଣଙ୍କର ମେଡିକାଲ ରେ ଚିକିତ୍ସା ଜାରି ରହିଛି ବୋଲି କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ବିମଳ ମଳିକ ସୂଚନା ଦେଇଛନ୍ତି।

# ଘର ନଥିବାରୁ ଆଜି ବି ଖୋଲାରେ ଚାଲିଛି ଅଙ୍ଗନୱାଡ଼ି

## ୧୫ ବର୍ଷର ଅଙ୍ଗନୱାଡ଼ି , ୮ ବର୍ଷ ହେଲା ଘର କାମ ସରୁନି



କେନ୍ଦ୍ରାପଡ଼ା(୪/୦୨)ଡେରାବିଶ ବ୍ଲକ ଅଧିନସ୍ଥ ବସୁପୁରୁ ପଞ୍ଚାୟତର ୧ ନମ୍ବର ୱାର୍ଡ଼ ଭାଣ୍ଡିଲୋ ଗ୍ରାମରେ କୋମଳମତି ଶିଶୁ ଏକ ଖୋଲା ବାରଣ୍ଡାରେ ବସି ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ଶିକ୍ଷ୍ୟା ଗ୍ରହଣ କରୁଥିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।୧୯୭୫ ମସିହାରୁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସମନ୍ୱିତ ଶିଶୁ ବିକାଶ ସେବା ଅଧୀନରେ ଏବେ ପ୍ରତି ଗାଁ ଗାଁ ରେ ଗୋଟେ ଗୋଟେ ଅଙ୍ଗନୱାଡ଼ି ଦ୍ୱାରା ଶିଶୁ ବିକାଶ ଏବଂ ଅଭିବୃଦ୍ଧି ଉପରେ ନଜର ରଖନ୍ତି ସରକାର । ଯାହା ପାଇଁ ଦିନକୁ କୋଟି କୋଟି ଟଙ୍କାର ଖର୍ଚ୍ଚ ସରକାରଙ୍କ ଦ୍ୱାରା କରାଯାଉଛି । ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଘର, ପୁଷ୍ଟିକର ଖାଦ୍ୟ,ବସ୍ତ୍ର , ଖେଳନା ଏବଂ ବହି ପର୍ଯ୍ୟନ୍ତ ସରକାର ଯୋଗାଉ ଥିବା ବେଳେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି । ୨୦୧୦ ରୁ ଆରମ୍ଭ ଏହି ଭାଣ୍ଡିଲୋ ଗ୍ରାମରେ ଏପର୍ଯ୍ୟନ୍ତ ଏକ ଘର ହୋଇପାରି ନାହିଁ । ବିଗତଦିନରେ ପିଲାମାନେ ଗଛତଳେ ପାଠ ପଢୁଥିବା ଦେଖିବାକୁ ମିଳିଥିବା ବେଳେ ଆଜିର ଦିନରେ କୋମଳମତି ଶିଶୁ ଏକ ଖୋଲା ବାରଣ୍ଡା ରେ ବସି ପଢୁଥିବା ଦେଖିବାକୁ ମିଳିଛି । ଏ ବିଷୟରେ ସେଠାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଝରଣା ଭଦ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗତ ୫ ବର୍ଷ ପୂର୍ବରୁ ଏକ ଅଙ୍ଗନୱାଡ଼ି ଘର ସରକାରଙ୍କ ତରଫରୁ ମିଳିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାହାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ନଥିବାରୁ ସେ ଏପରି ବର୍ଷ ବର୍ଷ ଧରି ପିଲାଙ୍କୁ ଏମିତି ଖୋଲା ବାରଣ୍ଡା ରେ ପାଠ ପଢାଇବାକୁ ବାଧ ହେଉଛନ୍ତି । କଣ ପାଇଁ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁନି ବୋଲି ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନାହାନ୍ତି , ଏମିତିକି କେତେ ଟଙ୍କାର ଅଟକଳ ତାହା ମଧ ଜାଣି ନାହାନ୍ତି କିନ୍ତୁ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ରେ , ନିର୍ବାହୀ ଯନ୍ତ୍ରୀ ଏବଂ ସରପଞ୍ଚ ଥିବାରୁ ସେ ସମସ୍ତ ବିବରଣୀ ଦେଇପାରିବେ । ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ଏବେ ସୁଦ୍ଧା ଯୋଗା ଯୋଗ ହୋଇପାରି ନାହିଁ । କିଛି ଗ୍ରାମ ବାସିଙ୍କ କହିବା ଅନୁସାରେ ନିର୍ମାଣ କାର୍ଯ୍ୟ ସରିବା ପୂର୍ବରୁ ଯନ୍ତ୍ରୀ ସମ୍ପୂର୍ଣ୍ଣ ବିଲ କରିନେଇଛନ୍ତି ଯାହା ଫଳରେ କାର୍ଯ୍ୟ ଅଧାରେ ଅଟକି ରହିଛି ବୋଲି ସନ୍ଦେହ କରାଯାଉଛି , ଯାହାର ତଦନ୍ତ ପାଇଁ ସେମାନେ ଜିଲ୍ଲାପାଳ ଏବଂ ଭିଜିଲାନ୍ସ କୁ ଜଣାଇଛନ୍ତି । କିନ୍ତୁ ସବୁପରେ ବି ଯେହେତୁ କୋମଳମତି ଶିଶୁଙ୍କ ସୁରକ୍ଷା କଥା ପ୍ରଶ୍ନ ଉଠୁଛି , ତୁରନ୍ତ ଏ ଅସମ୍ପୂର୍ଣ୍ଣ ହୋଇ ପଡିଥିବା ଘରତିଲୁ ସମ୍ପୂର୍ଣ୍ଣ କରାଯାଇ ଭାଣ୍ଡିଲୋ ଅଙ୍ଗନୱାଡ଼ି କୁ ହସ୍ତାନ୍ତର କରାଯାଉ ବୋଲି ଦାବି ରଖିଛନ୍ତି ।

# ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ଙ୍କ କଳାହାଣ୍ଡି ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ



ଭବନୀପାଟଣା : ତା. ୦୪.୦୩.୨୦୨୫ (ଜଗନ୍ନାଥ ଏକ୍ସପ୍ରେସ୍)ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା, ଓଡ଼ିଶା, ଗଣେଶ ରାମ ସିଂ ଖୁଣ୍ଟିଆ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସି ଆଜି ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ସରକାରଙ୍କର ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜଳସେଚନ, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ପ୍ରଧାନମନ୍ତ୍ରୀ ଆବାସ, ବେସାମରିକ ଯୋଗାଣ, ଖରିଫଧାନ ସଂଗ୍ରହ, ନିର୍ମାଣ ଶ୍ରମିକ, ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଓ ପରିଚାଳନା, ଜଙ୍ଗଲ, ଉଦ୍ୟାନ କୃଷି ଇତ୍ୟାଦି ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ଥିଲେ । କଳାହାଣ୍ଡି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଜନକଲ୍ୟାଣ ସରକାରୀ ଯୋଜନା, କାର୍ଯ୍ୟକ୍ରମକୁ ସଫଳତାର ସହିତ ଜନହିତରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜନହିତରେ ଉଦ୍ଦେଶ୍ୟ ସରକାରୀ ଯୋଜନାରୁ କୌଣସି ଯୋଗ୍ୟବ୍ୟକ୍ତି ଯେପରି ବାଦ ନପଡନ୍ତି ସେଥି ପ୍ରତି ଅଧିକ ଧ୍ୟାନ ଦେବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଗ୍ରାମାଞ୍ଚଳରେ ପାନୀୟଜଳର ସଙ୍କଟ ଆଶଙ୍କା ଥିବାରୁ ବି.ଡି.ଓ. ମାନେ ଏହାକୁ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳରେ ଲୋକଙ୍କ ସୁବିଧା ପାଇଁ ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ମଧ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ସଭାପତି ଭା.ଜ.ପା. ଯୁଗଳ କିଶୋର ପୋଦ୍ଦ, ଏସ୍.ପି. ନାଗରାଜ ଡି., ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ, ଡି.ଏଫ.ଓ. (ଉତ୍ତର) ଅନୁରାଗ ମିଶ୍ର, ଡି.ଏଫ.ଓ. (ଦକ୍ଷିଣ) କଳାଇ ଭାନାନ. ଆର., ଉପଜିଲାପାଳ ଧର୍ମଗଡ଼ ଧୀମାନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା

- ଆରମ୍ଭ କରି ୩ ବର୍ଷ ହେଲା ମନ୍ଥର ଗତିରେ ଚାଲିଛି ନିମ୍ନମାନର ବ୍ରିଜ କାମ
- ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ



**ଲାଞ୍ଜିଗଡ଼,୪/୩ (ନି.ପ୍ର):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଠିକାଦାର ଓ ବିଭାଗୀୟ ଅବହେଳା ଯୋଗୁଁ ଅନେକ ଯୋଜନାର ସୁଫଳ ହୋଇ ପାରୁନାହିଁ। ଏହିଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ସାହାଜପଡା ଗାଁ ନିକଟରେ ଥିବା କଲ୍ୟାଣି ନଦୀ ବ୍ରିଜ ନିର୍ମାଣରେ।କଳାହାଣ୍ଡିର ଜଣେ ଠିକାଦାର ଏହାର ଠିକା ନେଉଥିବା ବେଳେ ୨୦୨୩ ମସିହାରେ ମେ ମାସରେ କାମ ଆରମ୍ଭ କରି ଆଜିକୁ ୩ ବର୍ଷ ହେଲା ମନ୍ଥର ଗତିରେ ନିମ୍ନ ମାନର ବ୍ରିଜ କାମ ଚାଲିଥିବା ଅଭିଯୋଗ ହୋଇଛି।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା ରହିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଜେପୁର ପ୍ରଧାନୀପଡ଼ା ଛକରୁ ସାହାଜପଡ଼ା ଗ୍ରାମକୁ ସଂଯୋଗ କରୁଥିବା ୪ କିମି ପାଦଚଲା ରାସ୍ତା ମଝିରେ କଲ୍ୟାଣୀ ନଦୀ ରହିଥିବା ବେଳେ ସମ୍ପୂର୍ଣ୍ଣ ଭାବେ ସାହଜପଡ଼ାରୁ ଡକରିଗୁଡ଼ା, ବଣ୍ଡେଲ,ଗାଡ୍ରାଗୁଡା,ବାରଗୁଡ଼ା ଓ ବାଲିସରା ଗାଁକୁ ମଧ୍ୟ ପାଦଚଲା ରାସ୍ତା ରହିଛି। ଏମାନେ ମଧ୍ୟ ଏହି ନଦୀ ଯୋଗୁ ଜଳବନ୍ଦୀ ମଧ୍ୟରେ ରହିଛନ୍ତି। ଫଳରେ ବର୍ଷା ଦିନେ ନିଜ ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁରକୁ ଓ ବ୍ଲକ୍ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ରହିଥିବା ଯୋଗୁ ୬ ମାସ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ଜୀବନ କାଟୁଥିବା ବେଳେ ଆଉ ୬ ମାସ କଲ୍ୟାଣି ନଦୀରେ ପାଣି କମିବା ପରେ ବାଲିବସ୍ତା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଥିଲା। ପଞ୍ଚାୟତରୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁ ନଦୀ ପାର ହେବା, ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେଉଥିବା ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ହୋଇଯାଇଛି ବୋଲି ଗାଁ ଲୋକେ ପ୍ରକାଶ କରିବା ସହ ସାହାଜପଡ଼ା ଓ ବିଜେପୁର ପ୍ରଧାନୀପଡ଼ା ମଧ୍ୟରେ ଥିବା କଲ୍ୟାଣୀ ନଦୀରେ ପୋଲ ନିର୍ମାଣ କରିବାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ, ସାଂସଦ, ବିଧାୟକ, ବିଡିଓ, ସରପଞ୍ଚଙ୍କ ପାଖରେ ବର୍ଷ ବର୍ଷ ଧରି ଏହି ୬ଟି ଗ୍ରାମର ଅଧିବାସୀ ଗତ ୪୦ ବର୍ଷ ହେଲା ଦାବି ଜଣାଇ ଆସୁଥିଲେ ।ଏହା ସହିତ ଏହି ଗ୍ରାମବାସୀମାନେ ବାରମ୍ବାର ଭୋଟ ବର୍ଜନ କରିବା ସହ ରାଜରାସ୍ତାକୁ ଓଲ୍ହାଇବୁ ବୋଲି ଚେତାବନୀ ଦେଇଥିଲେ ।ଏହାକୁ ସରକାର ଗୁରୁତର ସହ ଗ୍ରହଣ କରି ୨୦୨୩ ମସିହାରେ ଏହି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର କରି କଳାହାଣ୍ଡିର ଜଣେ ଠିକାଦାରଙ୍କୁ ବ୍ରିଜ ନିର୍ମାଣ ପାଇଁ ଦାଇତ୍ୱ ଦିଆଯାଇଥିଲା। ଠିକାଦାର ଜଣଙ୍କ ୨୦୨୩ ମେ ମାସରେ କାମ ଆରମ୍ଭ କରିଥିଲେ।କିନ୍ତୁ ଠିକାଦାର ଜଣଙ୍କ ନିଜ କାମ ସ୍ଥାନକୁ ନଆସି ଆଉ ଜଣେ ଠିକାଦାରଙ୍କୁ ଦାଇତ୍ୱ ଦେଇଥିବା ବେଳେ ସେହି ଠିକାଦାର ଜଣକ ଜଣେ ମିସ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାଇତ୍ୱ ଦେଇଛନ୍ତି।ହେଲେ କାମ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ତଦାରଖ ପାଇଁ ଆସୁନଥିବାରୁ ନିମ୍ନ ମାନର କାମକୁ ନେଇ ଲୋକେ ଅଭିଯୋଗ କରିଥିଲେ।କିନ୍ତୁ ବିଭାଗୀୟ ଅଧିକାରୀ ମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।ଯାହା ଫଳରେ ନଦୀର ପୋଲ ନିର୍ମାଣ ପାଇଁ ପିଲର କରି କିଛି ଲୁହା ଛଡ଼ ଠିଆ କରି କିଛି ଦିନ କାମ କରି ଆଜିକୁ ୩ ବର୍ଷ ହେଲା କାମଟି ମନ୍ଥର ଗତିରେ ଚାଲିଥିବା ବେଳେ ଏହି ପୋଲ କାମ ଶୀଘ୍ର ଆରମ୍ଭ ନ ହେଲେ ବର୍ଷା ଦିନ ସମ୍ପୂର୍ଣ୍ଣ ଭାବେ ପୋତି ହୋଇ ଯିବ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀର ଆଶଙ୍କା ରହିଛି ବୋଲି ଅଭିଯୋଗ କରିଛନ୍ତି।ଏହାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ମିନି ବସୁଧା କାର୍ଯ୍ୟରେ ଅନିୟମିତତା ଅଭିଯୋଗ



**ଲାଞ୍ଜିଗଡ,୪/୩ (ନି.ପ୍ର):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରଧାନିପଡା ଗ୍ରାମରେ ବସୁଧାରୁ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ନେବାକୁ ହେଲେ ଠିକାଦାର ନକରି ଘରବାଲା ନିଜେ ପାଇପ ପାଇଁ ରାସ୍ତା ଖୋଳି ନେଉଥିବା ଅଭିଯୋଗ ହେଉଛି । ଲାଞ୍ଜିଗଡ଼ ବ୍ଲକରେ ବର୍ଷ ସାରା ଜଳଶଙ୍କଟ ଲାଗି ରହିଥିବା ବେଳେ ଅଞ୍ଚଳ ଲୋକ ବିଭିନ୍ନ ସମୟରେ ରାସ୍ତା ରୋକ,ଧାରଣା ମଧ୍ୟ ଦେଉଥିବା ଦେଖୁବାକୁ ମିଳୁଛି ହେଲେ ଲାଞ୍ଜିଗଡ ଅଞ୍ଚଳରେ ଜଳସଙ୍କଟ ସୁଧାର ଆସିପାରୁନି ନ ଜଳ ଓ ପରିମଳ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି ସତ ହେଲେ ଯନ୍ତ୍ରୀ ଓ ଠିକାଦାରଙ୍କ ବାଟମାରାଣ ନୀତିଯୋଗୁଁ ଅତି ନିମ୍ନମାନ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଏହିପରି ଏକ ଅଭିଯୋଗ ହେଉଛି ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରଧାନୀପଡ଼ା ଗାଁରେ କ୍ଷଧ। ସୂଚନାମତେ ପ୍ରଧାନୀପଡ଼ା ଗାଁରେ କିଛି ମାସ ହେବ ମିନି ବସୁଧା ପାଣି ଟାଙ୍କି କାର୍ଯ୍ୟ ଚାଲିଛି ଓ ପାଇପ ଯୋଗେ ପ୍ରତ୍ୟେକ ଘରକୁ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଛି ହେଲେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ନେବାକୁ ହେଲେ ନିଜେ ଶ୍ରମଦାନ କରିବାକୁ ପଡୁଛି ବୋଲି ଗାଁଲୋକେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ନିୟମ ରହିଛିଯେ ମୁଖ୍ୟ ପାଣି ପାଇପ ଠାରୁ ତିନି ମିଟର ପର୍ଯ୍ୟନ୍ତ ଖାଲଖୋଳି ଛୋଟ ପାଇପ ଯୋଗେ ଘରକୁ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ । ହେଲେ ଏଠି କାର୍ଯ୍ୟରତ ଠିକାଦାର କହୁଛନ୍ତି ମୁଖ୍ୟ ପାଣି ପାଇପରୁ ନିଜେ ଖାଲଖୋଳି ନିଜେ ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ ନହେଲେ ଆମେ ଖୋଳାଖୋଳି କରିପାରିବୁ ନାହିଁ ବୋଲି ଠିକାଦାର କହୁଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ । ଗାଁଲୋକେ ମୁଖ୍ୟ ପାଇପ ଠାରୁ ନିଜେ ଗାତଖୋଳି ପାଇପ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ତିଆରି କରୁଥିବା ବେଳେ ପରିଶ୍ରମ ଅର୍ଥ ମଧ୍ୟ ମିଳୁନ ଥିବା ଅଭିଯୋଗ ହେଉଛି । ସରକାର ପ୍ରତ୍ୟକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ ଠିକାଦାର ଓ ଯନ୍ତ୍ରୀ ଙ୍କ ପାଇଁ ନା ଗ୍ରାମ ବାସୀଙ୍କ ପାଇଁ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି କ୍ଷ ଏନେଇ ଆମେ କାର୍ଯ୍ୟରତ ଠିକା ଦାରଙ୍କୁ ପଚାରିବାରୁ ଆମେ ଲୋକଙ୍କୁ କାମ କରେଇଛୁ ଓ ତାଙ୍କ ପାରିଶ୍ରମିକ ଦେଇନୁ ଦୁଇ ଦିନ ସମୟ ମାଗୁଛୁ ନିଶ୍ଚୟ ତାଙ୍କ ପାରିଶ୍ରମିକ ଅର୍ଥ ଦେଇ ଦେଉବୁ ବୋଲି ପ୍ରକାଶ କରିଛନ୍ତି । ତେବେ କାମ କରିଥିବା ଲୋକଙ୍କୁ କେବେ ତାଙ୍କର ପାରିଶ୍ରମିକ ଅର୍ଥରାଶି ଦିଆଯାଉଛି ନା ଭୁଆଁ ବୁଲାଇ ଛୁ ମାରୁଛନ୍ତି ଠିକାଦାର ତାହା ଦେଖିବାକୁ ବାକି ରହିଲା ।

# ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ହାଟଡିହି,୪/୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଗଡଚଣ୍ଡି ପୀଠ ରେ ପିଇଓ ନାରାୟଣ ଜେନା ଙ୍କୁ ଜମ୍ବିରା ଗ୍ରାମ ପଞ୍ଚାୟତବାସୀ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ହାଟଡିହି ବିଡ଼ିଓ ରଞ୍ଜନ କୁମାର ପରିଡ଼ା,ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର,ବିଧାୟକ ପାର୍ଥ ଆଲୋକ ସେଠୀ,ଯୁଧିଷ୍ଠିର ମଲ୍ଲିକ,ସରପଞ୍ଚ ଘନଶ୍ୟାମ ମଲ୍ଲିକ,ଜିପିଓ ଶରତ ଭେଜ୍ ପ୍ରମୁଖ ଯୋଗ ଦେଇଥିଲେ।ଅବସରକାଳୀନ ସମ୍ବର୍ଦ୍ଧନା ସଭା ରେ ନାରାୟଣ ଜେନାଙ୍କ କାର୍ଯ୍ୟଶୈଳି, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗକୁ ମନେ ପକାଇ ଶ୍ରଦ୍ଧାର ସହିତ କୃତଜ୍ଞତା ଜ୍ଞାପନ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ,ପରିବାର ସହ ଅବସର କାଳୀନ ବାକି ସମୟ ଶୁଭଙ୍କର ହେଉ ବୋଲି ଭଗବାନ ଙ୍କ ନିକଟରେ ପାର୍ଥନା ଜଣାଇଥିଲେ।ବିଡ଼ିଓ ଶ୍ରୀ ପରିଡ଼ା ନିଜ ଅଭିଭାଷଣ ରେ କହିଥିଲେ କଞ୍ଚା ଆଳୁ ଯେପରି ସିଝା ଆଳୁ ର କଷ୍ଟ ଜାଣି ପରେ ନାହିଁ ସେହିପରି ଚାକିରି କରିଥିବା ଲୋକ କେତେ ଦୁଃଖ କଷ୍ଟ ଦେଇ ନିଜ ଜୀବନ ବିତାଉଛନ୍ତି ସାଧାରଣ ଲୋକ ତାହା ବୁଝି ପାରିବେ ନାହିଁ ବୋଲି କହିଛନ୍ତି।ଏହି କାର୍ଯ୍ୟକ୍ରମ ରେ ବ୍ଲକ ର ସମସ୍ତ କର୍ମଚାରୀ,ପିଇଓ ଓ ଏଡିଇଓ ଙ୍କ ସମେତ ପଞ୍ଚାୟତ ର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ।

# ଶିଶୁମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ



**ଚିକିଟି, ୪/୩ (ନି.ପ୍ର):** ଚିକିଟୀ ପେଣ୍ଠ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜିକା ଶ୍ରୀମତି ମିନତୀ ପାଠୀ ମୁଖ୍ୟଅତିଥି ରୂପେ ଉପସ୍ଥିତ ଶିଶୁମାନଙ୍କୁ ଜାତୀୟ ବିଜ୍ଞାନ ଦିବସ ପାଳନ କରିବାର ଉଦ୍ଦେଶ୍ୟ ସହ ଭାରତୀୟ ବୈଜ୍ଞାନିକମାନଙ୍କ ବିଶ୍ୱପ୍ରତି ଦେଇଥିବା ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏଥିସହ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କର ରମଣରଶ୍ମି ଉଦ୍ଭାବନ ପାଇଁ ନୋବେଲ୍ ? ପୁରସ୍କାର,ଭାରତରନ୍ ସହ ବିଶ୍ୱର ଅନେକ ଦେଶ ପୁରସ୍କୃତ କରିଥିବା ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକମାନଙ୍କ ପ୍ରଦର୍ଶନୀ, ବୈଜ୍ଞାନିକମାନଙ୍କ ଜୀବନୀ କଥନ, ସ୍ୱଳ୍ପ ମୂଲ୍ୟରେ ବିଜ୍ଞାନ ଉପକରଣ ପ୍ରସ୍ତୁତି ଓ ପ୍ରୟୋଗ ବିଷୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ଦକ୍ଷତା ପ୍ରଦର୍ଶନ କରିଥ ?ବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମହୋଦୟା ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ପର୍ଯ୍ୟାୟପ୍ରମୁଖ ଏସ୍. ସତ୍ୟନାରାୟଣ ପରିଚୟପ୍ରଦାନ ସହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପ୍ରଧାନାଚାର୍ଯ୍ୟ ନିରଞ୍ଜନ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର ବିଜ୍ଞାନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ରୂପାୟନ ହୋଇଥିଲା।

# ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ପାତ୍ରପୁର, ୪/୩ (ନି.ପ୍ର):** ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତର ସିନ୍ଦୁରାବାଡ଼ ଓ ତାବୁଡ଼ିଆ ଗ୍ରାମପାଇଁ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ଜଳ ବିଭାଗ ତରଫରୁ ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗ୍ରାମ୍ୟ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀ ସାମନ୍ତରା ଗ୍ରାମରେ ପହଂଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀ ବିଧାୟ୨କଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବର୍ଟ ପ୍ରଧାନ ,ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ମୀନା ଦ୍ୟାନ ସାମନ୍ତରା, ତୁମ୍ବା ସରପଞ୍ଚ ପ୍ରଶାନ୍ତ ସେଠୀ, ସମିତିସଭ୍ୟ ନାରାୟଣ ନାଇକ ,ଜରଡ଼ା ସମିତି ସଭ୍ୟ ସନ୍ତୋଷ ପ୍ରଧାନ ପ୍ରମୂଖ ଉପସ୍ଥିତ ଥିଲେ ।ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ବାଇକ ଯୋଗେ ତାବୁଡ଼ିଆ ଗାଁରେ ପହଂଚି ପାହାଡ଼ ଶିଖରରୁ ତଳକୁ ଓଲ୍ହାଇ ରହୁଥିବା ଆଦିବାସୀଙ୍କ ଘର ବାଡିପଟେ ଥିବା ମାଟି ଅତଡା ବର୍ଷା ହେଲେ ଧୋଇ ହୋଇ ଘରେ ପଶୁଥିବା ସମସ୍ୟା ବୁଝି ଏହାର ସମାଧାନ ଦିଗରେ ଚେଷ୍ଟିତ ହେବେ ବୋଲି କହିଥିଲେ ।

# ଶିବ ମନ୍ଦିର ରୁ ଆରମ୍ଭ ରାମ ମନ୍ଦି ରେ ଶେଷ

**ବୌଦ୍ଧ,(୪/୩ (ନି.ପ୍ର):** ଶ୍ରୀରାମ ଲାଲ ଙ୍କ ଜନ୍ମ ସ୍ଥାନ ଅଯୋଧ୍ୟା ରାମ ମନ୍ଦିର ଦର୍ଶନ ଅଭିମୁଖେ ଅଜିତ ରଣା । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କରଡ଼ି ଗ୍ରାମରୁ ପଦଯାତ୍ରା ଆରମ୍ଭ କରି ଅଯୋଧ୍ୟା ରାମ ମନ୍ଦିର ଦର୍ଶନ କରିବେ । ଅଜିତ ରଣା ମହା ଶିବରାତ୍ରୀ ସାରି କରଡ଼ି ଶୈବ ପୀଠରେ ମହାପ୍ରଭୁ ଶିବ ଙ୍କୁ ଦର୍ଶନ ପରେ ନିଜ ପଦଯାତ୍ରା ଆରମ୍ଭ କରିଥିଲେ । ପ୍ରଥମ ଦିନରେ ପ୍ରାୟ ୫୦କିଲୋମିଟର ପଦଯାତ୍ରା କରି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ରାତ୍ରି ଯାପନ କରିଥିବା ଜଣା ପଡିଛି । ତାଙ୍କ ପଦଯାତ୍ରା ଶୁଭାରମ୍ଭ ରେ କରଡ଼ି ଜାଗର ଯାତ୍ରା କମିଟି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କ ପଦଯାତ୍ରା ସଫଳ ହେବା ନେଇ ଭଗବାନ ଶ୍ରୀରାମ ଚନ୍ଦ୍ର ଙ୍କୁ ଗୁହାରି ଜଣାଇଥିଲେ ।

# ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ନିମାଇଁ ଚରଣ ହୋତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ନିଆଳୀ, ୪/୩ (ନି.ପ୍ର):**କଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ ସିଠାଲୋ ଉଚ୍ଚ ବିଦ୍ୟାଳୟ, ପରିସରରେ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ନିମାଇଁ ଚରଣ ହୋତା ଙ୍କ ଉଦ୍ୟେଶରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶୀଯୁକ୍ତ ହୋତା ଙ୍କର ପୂର୍ବ ସହକର୍ମୀ,ପ୍ରାକ୍ତନ ଛାତ୍ର ଏବଂ ସମାଜ ର ସବୁବର୍ଗ ର ଶୁଭେଚ୍ଛୁ ଯୋଗ ଦେଇ ତାଙ୍କ ଗୁଣ କୀର୍ତ୍ତନ କରିବା ସହ ବିଦେହୀ ଆତ୍ମା ର ସଦଗତି ପାଇଁ ଈଶ୍ୱର ଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀ ଭଗବାନ ବସ୍ତିଆ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ନିଆଳି ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭାପତି ଶ୍ରୀ ରମାକାନ୍ତ ସ୍ୱାଇଁ ସଭା ପରିଚାଳନା କରିଥିଲେ। ନିମାଇଁ ହୋତା ଙ୍କ ବଡ ଭାଇ ଶ୍ରୀ ଗୌରାଙ୍ଗ ଚରଣ ହୋତା, ପୁଅ ତାରେକନାଥ ହୋତା ଓ ଝିଅ ପ୍ରଣତି ହୋତା,ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି,ସଭାରେ୨ ଯୋଗଦାନ କରି ସଭା ଆୟୋଜନକାରୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ। ଓଷ୍ଟା ର ପୂର୍ବ ବ୍ଲକ ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ଶଗଡ଼ାଇଲୋ ପଞ୍ଚାୟତ ର ପୂର୍ବ ସରପଞ୍ଚ ଅନିରୁଦ୍ଧ ମଲ୍ଲିକ ପ୍ରଭୃତି ବିଶିଷ୍ଟ ବ୍ୟକ୍ତି ଗଣ ସ୍ୱର୍ଗତଃ ହୋତା ଙ୍କର ଗୁଣ କୀର୍ତ୍ତନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପୁରାତନ ଛାତ୍ର ଆତ୍ରବନ୍ଧୁ ପାତ୍ର ଙ୍କ ସମେତ ପୁରାତନ ଛାତ୍ର ମାନେ ସହଯୋଗ କରିଥିଲେ ।

# କୋଇଲାର କଳା ସାମ୍ରାଜ୍ୟ ନିର୍ଗୁଣ୍ଡି: ବିଲତେରୁଆଁ ଗ୍ରାମବାସୀ ପ୍ରଦୂଷଣରେ ଅତିଷ୍ଠ



**ଟାଙ୍ଗୀ ଚୌଦ୍ୱାର ୪/୩ (ନି.ପ୍ର):**କଟକ ଜିଲ୍ଲାର ପ୍ରଦୂଷିତ ଅଞ୍ଚଳ ମାନଙ୍କ ମଧ୍ୟରୁ ବିଲତେରୁଆଁ ଅନ୍ୟତମ। ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧିନ ହରିଆନ୍ତା ପଞ୍ଚାୟତର ନୀର୍ଗୁଣ୍ଡି ରେଳ ଷ୍ଟେସନ ନିକଟରେ ଅବସ୍ଥିତ ଏହି ଗ୍ରାମ । ଏହି ରେଳଷ୍ଟେସନର ଅନତି ଦୂରରେ ରହିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢନ୍ତି । ଗ୍ରାମର ଭୋଟର ସଂଖ୍ୟା ପାଖାପାଖୁ ୧୨୦୦ । କିନ୍ତୁ ଦୁର୍ଭାଗ୍ୟର କଥା ଦୀର୍ଘ ୪ ବର୍ଷ ହେବ ଏମାନେ ଅସ୍ୱାସ୍ଥ୍ୟ କର ପରିବେଷରେ ଜୀବନ ନିର୍ବାହ କରି ଆସୁଛନ୍ତି । ପୂର୍ବରୁ ଗହମ, ଚାଉଳ ଓ ଅନ୍ୟାନ୍ୟ କମ୍ପାନୀ ଉତ୍ପାଦ ଭଳି ବିଭିନ୍ନ ପ୍ରକାରର ପଣ୍ୟଦ୍ରବ୍ୟ ରେଳ ଯୋଗେ ଏଠାରୁ ଯାଉଥିବା ବେଳେ ସ୍ଥାନୀୟ ଅଧିବାସୀ କର୍ମ ସଂସ୍ଥାନ ପାଇ ପରିବାର ପ୍ରତି ପୋଷଣ କରୁଥିଲେ । କିନ୍ତୁ କିଛି ଅର୍ଥ ପିପାସୁଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ପରେ ଏଠାରେ ଆରମ୍ଭ ହେଲା କୋଇଲା ପରିବହନ। ତାଳଚେରରୁ କୋଇଲା ଆସି ଏଠାରେ ବଡ ବଡ କିନ୍ତୁ ମାନ କରାଯାଉଛି । ବଡ ଗାଡି ଯୋଗେ ପୁନର୍ବାର ଡିପୁରୁ ଉଠି ଲେଲୱେ ସାଇଡିଂ ରେ ପଡ଼ି ପେଲଡ ସାହାଯ୍ୟରେ ବଗିରେ ଲଦାଯାଇ, ପଶ୍ଚିମବଙ୍ଗ, ତାମିଲନାଡୁ, ଓ ଅନ୍ୟାନ୍ୟ ରାଜ୍ୟ ମାନଙ୍କୁ ଚାଲାଣ କରାଯାଉଛି । ଏହାସହିତ ୧୨ଚକିଆ ୧୪ଚକିଆ ଭଳି ବଡ଼ ବଡ଼ ଗାଡ଼ିରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି । ବାରମ୍ବାର ଲୋଡ ଅନଲୋଡ ଫଳରେ ଭାରୀ ମାତ୍ରାରେ ପ୍ରଦୂଷିତ ହେଉଛି ପରିବେଶ । କିଙ୍କର, ଚାର୍କୋଲ୍, ଜିପସମର ଅବୈଧ କାରବାର ପ୍ରଦୂଷଣକୁ ଦ୍ୱିଗୁଣିତ କରିଛି । ବର୍ଷା ଋତୁରେ ଗାଁ ଦାଣ୍ଡ ଓ ମୁଖ୍ୟ ରାସ୍ତା ବହଳ କଳା କାଦୁଅରେ ପରିପୂର୍ଣ୍ଣ ହେଉଛି । ଚପଲ ମାଡ଼ି କିମ୍ବା ଖାଲି ପାଦରେ ଚାଲି ଯିବା କଷ୍ଟ ସାଧ । ଗାଁ ଭିତରକୁ ବା ବାହାରକୁ ଥରେ ବାଇକ ବାହାରିଲେ ସର୍ଭିସିଂ ହେବାକୁ ବାଧ । ଗ୍ରୀଷ୍ମ ଋତୁରେ ବିଲତେରୁଆଁ ଓ ଏହାର ଆଖ ପାଖରେ ଥିବା ଗାଡିଆ, ପୋଖରୀ, କୂଅ ପାଣିର ଉପରେ ପରସ୍ତ ପରସ୍ତ କୋଇଲାର ଗୁଣ୍ଡ ଭାସିବା ସହ ପଖାଳ ହାଣ୍ଡିରେ ଭାସିବାର ଜାଣିବାକୁ ମିଳିଛି । ରାତିରେ ଘରେ ଶୋଇଥିବା ପିଲାଟି ନାକରୁ ସକାଳେ କଳା ବାହାରୁଛି । ପାହାଡ ପରି ଛିଡ଼ା ହୋଇଥିବା କୋଇଲା ଗଦାରେ ସମୟେ ସମୟେ ନିଆଁ ଲାଗି ଯାଏ। ଗରମ ବୃଦ୍ଧି ହେବା ସହ ଧୂଆଁରେ ଗାଁ ଓ ସ୍ଥାନୀୟ ଅଞ୍ଚଳ ଧୂମ୍ର ମୟ ହୋଇଯାଏ ।

ଏହା ଛଡ଼ା ବିଲତେରୁଆଁ ପାଲଟିଛି ଅପମିଶ୍ରଣର ପେଣ୍ଠସ୍ଥଳି । ବୁଢ଼ା କେନ୍ଦୁଆ, ଓ ତାଳଚେର ଅଞ୍ଚଳରୁ ଆମଦାନୀ ହୋଇ ଆସୁଥିବା ଚାରକୋଲ, ଏବେ କୋଇଲା ଅପମିଶ୍ରଣର ପ୍ରମୁଖ ଦ୍ରବ୍ୟ । ଅପମିଶ୍ରିତ କୋଇଲାକୁ ବିକ୍ରି କରି କୋଟି କୋଟି ଟଙ୍କାର ମୁନାଫା କମାଉଛନ୍ତି କିଛି ଦଲାଲ ଓ ପରିବହନ ସଂସ୍ଥା । ପ୍ରଦୂଷଣରୁ ମୁକ୍ତି ପାଇଁ ପ୍ରଶାସନ ନିକଟରେ ଗୁହାରି କଲେ ସୁଦ୍ଧା ଫଳ ଶୂନ ଓ ପ୍ରଦୂଷଣକୁ ରୋକିବା ପାଇଁ ତଥା ଅପମିଶ୍ରଣ ନାମକୁ ବନ୍ଦ କରିବା ପାଇଁ, ଅନୁଧାନ କରି ଫେରିଥିବା ଜାତୀୟ ଗ୍ରୀନ ଟ୍ରିବୁନାଲ୍ ଉପରେ ଗ୍ରାମବାସୀଙ୍କ ରହିଛି ଶେଷ ଭରଷା ।

# ମାଜସେବୀ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ



**ତାଳଚେର,୪/୩ (ନି.ପ୍ର):** ଜନସେବା ତଥା ସମାଜର କଲ୍ୟାଣ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବା ସମାଜସେବୀ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି । କଲଚରାଲ ଡେଭେଲପ୍ ଫାଉଣ୍ଡେସନ ତରଫରୁ ପୁରୀ ଜଗନ୍ନାଥ ଧାମ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ଠାରେ ନ୍ୟାସନାଲ ଆୱାର୍ଡ ସେରିମନି - ୨୦୨୫ କାର୍ଯ୍ୟକ୍ରମ ପାଳନ ଅବସରରେ ଉତ୍କୃଷ୍ଟ ସେବା କାର୍ଯ୍ୟ ନିମନ୍ତେ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀ ମହାନ୍ତି ନିଜର ଦକ୍ଷତା, ସୃଜନଶୀଳତା, ଦୃଢ଼ତା ପ୍ରତିପାଦନ କରି ସମାଜ ପାଇଁ ଭଲ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏଥିପାଇଁ ଶ୍ରୀ ମହାନ୍ତିଙ୍କୁ ଉକ୍ତ ସମ୍ମାନ କରାଯିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାସ୍ତୁ ଏବଂ ଆଷ୍ଟ୍ରୋଲୋଜି ବିଷାରଦ ଡ. ମନ୍ମଥ ମିଶ୍ର,ସାମାଜିକ କର୍ମୀ ଷ୍ଟାଲିନ ପରିଜା,କାଲିଫର୍ଣ୍ଣିଆ ଟିଭି, ଆମେରିକା (ଗ୍ଲୋବାଲ)ଇଣ୍ଡିଆ କରେସପଣ୍ଡେଣ୍ଟ କୌଶିକ ଘୋଷ ଚୌଧୁରୀ, ନୃତ୍ୟଗୁରୁ ମୌମିତା ବିଶ୍ୱାସ,ସାମାଜିକ କର୍ମୀ ସବିତା ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିବା ବେଳେ କଲଚରାଲ ଡେଭେଲପ୍ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଉପେନ୍ଦ୍ର କୁମାର ଶର୍ମା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସଂପାଦକୀୟ...

## ପୁଣି ଅଶାନ୍ତ

ତିନି ଦଶନ୍ଧି ପରେ ପଞ୍ଜାବ ପୁଣି ଥରେ ଅଶାନ୍ତ ହୋଇପଡ଼ିଛି । ସ୍ୱତନ୍ତ୍ର ଖାଲିସ୍ତାନ ଗଠନ ଦାବିରେ ବିଚ୍ଛିନ୍ନତାବାଦୀମାନେ ପୁଣି ଥରେ ସେଠାରେ ସକ୍ରିୟ ହୋଇଛନ୍ତି । ଆତ୍ମଘୋଷିତ ଧର୍ମଗୁରୁ ତଥା କଟ୍ଟରପନ୍ଥୀ ଅମୃତ ପାଲ୍ ସିଂହ ଓ ତାହାର ସମର୍ଥକମାନେ ଏବେ ପଞ୍ଜାବରେ ନିଜର ଉପସ୍ଥିତି ଜାହିର କରିବା ପାଇଁ ହିଂସାର ଆଶ୍ରୟ ନେଇଥିବାବେଳେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ବିହିତ କାର୍ଯ୍ୟାନୁଷ୍ଠାନ ନେଇଛି । ଫଳରେ ସେଠାରେ ପରିସ୍ଥିତି ଏବେ ଉତେଜନାମୂଳକ ରହିଛି । କିଛିଦିନ ତଳେ ଅମୃତ ପାଲର ନେତୃତ୍ୱରେ ପରିଚାଳିତ 'ୱାରିସ୍ ପଞ୍ଜାବ ଦେ'ର ସଦସ୍ୟମାନେ ସେମାନଙ୍କର ଗିରଫ ସାଥୀମାନଙ୍କୁ ପୁଲିସ୍ ହାଜତରୁ ମୁକ୍ତ କରିବାକୁ ଅମୃତସହର ନିକଟସ୍ଥ ଆଜନାଲା ଥାନା ଉପରେ ଆକ୍ରମଣ କରି ବର୍ବରକାଣ୍ଡ ଭିଆଇଥିଲେ । ସେତେବେଳେ ପୁଲିସ୍‌ର ନିଷ୍କ୍ରିୟତା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ସୃଷ୍ଟି ହୋଇଥିଲା । ଚାରିଆଡ଼ୁ ଚାପ ପଡ଼ିବା ପରେ ଅମୃତ ପାଲ୍‌କୁ ଗିରଫ କରିବା ପାଇଁ ପଞ୍ଜାବ ପୁଲିସ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ତେବେ ଅମୃତ ପାଲ୍ ଖସି ଯାଇଥିବାବେଳେ ପାଖାପାଖି ତାହାର ୮୦ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି । ଏହାପରେ ପୁଲିସ ସେଠାରେ ଫ୍ଲାଗମାର୍ଚ୍ଚ କରିଛି । କୌଣସି ବଡ଼ ଧରଣର ଅଘଟଣ ଭୟରେ ଲୋକମାନେ ଘର ଭିତରେ ନିରାପଦରେ ରହିବାକୁ ଶ୍ରେୟ ମଣିଛନ୍ତି । ଏହି ଘଟଣା ୧୯୭୦-୮୦ ଦଶକର ପଞ୍ଜାବ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବା ଖାଲିସ୍ତାନୀ ଆନ୍ଦୋଳନ ବେଳର ଘଟଣାକୁ ସ୍ମରଣ କରାଇ ଦେଉଛି । ସେତେବେଳେ ଏହି ଆନ୍ଦୋଳନର ମୁଖ୍ୟ ଜାରନେଲ୍ ସିଂହ ଭିଣ୍ଡ୍ରାୱାଲା ନେତୃତ୍ୱରେ ପଞ୍ଜାବରେ ଆତଙ୍କରାଜ ସୃଷ୍ଟି ହୋଇଥିଲା । ଦୀର୍ଘ ପ୍ରାୟ ଦୁଇ ଦଶନ୍ଧିର ହିଂସାର ଘନଘଟା ଭିତରେ ପଞ୍ଜାବବାସୀ ଜୀବନ ବିତାଇବା ପରେ ଅମୃତସର ବ୍ଲୁଷ୍ଟାର ଅପରେସନ୍ ଜରିଆରେ ଏହି ଆତଙ୍କର ଅବସାନ ଘଟିଥିଲା । ଏହାର ପ୍ରଭାବରେ କିନ୍ତୁ ୧୯୮୪ରେ ଯେଉଁ ଶିଖ୍ ବିରୋଧୀ ଦଙ୍ଗାର ସୂତ୍ରପାତ ହେଲା, ତାହା ଭାରତୀୟ ଇତିହାସରେ କଳା ଅଧ୍ୟାୟ ହୋଇ ଆଜି ପର୍ଯ୍ୟନ୍ତ ରହିଯାଇଛି । ବିଡ଼ମ୍ବନା ହେଲା ସେତେବେଳେ ମଧ୍ୟ ଏହି ସାମଗ୍ରିକ ଘଟଣା ପଛରେ କୁତ୍ସିତ ରାଜନୈତିକ ସ୍ୱାର୍ଥ ଜଡ଼ିତ ଥିବା ବେଳେ ଏବେ ମଧ୍ୟ ସେଭଳି କିଛି ଗନ୍ଧ ବାରି ହୋଇପଡୁଛି । ସ୍ୱାଧୀନତା ପରବର୍ତୀ ସମୟରୁ ପଞ୍ଜାବ ସମସ୍ୟା ଏକ ଅତି ସମ୍ବେଦନଶୀଳ ଓ ଜଟିଳ ପ୍ରସଙ୍ଗ ହୋଇ ରହି ଆସିଛି । ଏହି ପ୍ରସଙ୍ଗ ପଛରେ କେବଳ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ନୁହେଁ, ବରଂ ଧର୍ମ, ସଂସ୍କୃତି, ଅର୍ଥନୀତି ଆଦି ଅନେକ ସମସ୍ୟା ଜଡ଼ିତ ରହିଛି । ପଞ୍ଜାବବାସୀଙ୍କ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଧାରଣା ମୂଳରୁ ରହି ଆସିଛି ଯେ ସ୍ୱାଧୀନ ଭାରତରେ ସେମାନେ ସଂଖ୍ୟାଲଘୁ ଏବଂ ସଂଖ୍ୟାବହୁଳ ହିନ୍ଦୀ ଭାଷାଭାଷୀଙ୍କ ଦ୍ୱାରା ଅବହେଳିତ । କୃଷି ଓ ଅର୍ଥନୀତି ଦୃଷ୍ଟିରୁ ବେଶ୍ ଉନ୍ନତ ଏହି ରାଜ୍ୟ କିନ୍ତୁ ଅବଶିଷ୍ଟ ଭାରତରେ ଯଥାଯଥ ସମ୍ମାନ ଓ ମର୍ଯ୍ୟାଦା ପାଉନଥିବା ସେହି ରାଜ୍ୟର କେତେକ ଗୋଷ୍ଠୀ ମନେ କରିଆସୁଛନ୍ତି । ପଞ୍ଜାବବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶ ଭାରତ ଅଧୀନରେ ରହି କଦାପି ସମ୍ଭବ ନୁହେଁ ବୋଲି ଏହି ଗୋଷ୍ଠୀ ପଞ୍ଜାବବାସୀଙ୍କ ମନରେ ଏକ ଧାରଣା ମୂଳରୁ ସୃଷ୍ଟି କରିବାକୁ ଚେଷ୍ଟା କରିଆସୁଛନ୍ତି । ଶିଖମାନଙ୍କ ପାଇଁ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ନିମନ୍ତେ ଆମେରିକା, ବ୍ରିଟେନ୍ ଓ କାନାଡ଼ା ଆଦି ଦେଶରେ ବସବାସ କରୁଥିବା ଅନେକ ଧନିକ ଶ୍ରେଣୀର ଶିଖ ବ୍ୟକ୍ତି ଆର୍ଥିକ ତଥା ନୈତିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଏହାର ସୁଯୋଗ ନେଇ ପଡ଼ୋଶୀ ପାକିସ୍ତାନ ବିଚ୍ଛିନ୍ନତାବାସୀଙ୍କୁ ଉସୁକାଉଛି । ନିକଟରେ ପଞ୍ଜାବରେ 'ଆପ୍' ଦଳ ସରକାର ଗଢ଼ିବା ପରେ ଖାଲିସ୍ତାନୀ ଦାବି ମୁଣ୍ଡ ଟେକିଛି ଏବଂ ରାଜ୍ୟ ସରକାର ଏହାକୁ କେତେକାଂଶରେ ପ୍ରୋତ୍ସାହିତ କରୁଛନ୍ତି ବୋଲି ରାଜନୈତିକ ଅଭିଯୋଗ ଆସୁଛି । ଏହିସବୁ କାରଣରୁ ୧୯୭୦ ଦଶକରେ ସ୍ୱତନ୍ତ୍ର ଖାଲିସ୍ତାନ ରାଷ୍ଟ୍ର ଗଠନ ଦାବି ଜନ୍ମନେଇଥିଲା ଏବଂ ଏହାର ନେତୃତ୍ୱ ନେଇଥିଲା ଜାରନେଲ୍ ସିଂହ ଭିଣ୍ଡ୍ରାୱାଲା । ବିଭିନ୍ନ ରାଜନୈତିକ ଦଳର ପୃଷ୍ଠପୋଷକତାରେ ସେ ଅସୀମ ଶକ୍ତିଶାଳୀ ହୋଇ ଶେଷରେ ଭସ୍ମାସୁର ରୂପ ନେଇଥିଲା । ପଞ୍ଜାବବାସୀଙ୍କ ଏହି ମାନସିକତା ଓ ସମସ୍ୟା ଦୂର କରିବା ପାଇଁ ଭାରତ ସରକାର ଅତୀତରେ କେତେକ ଆଖିଦୃଶିଆ ପଦକ୍ଷେପ ନେଇଥିଲେ ହେଁ ମୂଳ ବିଚ୍ଛିନ୍ନତାବାଦୀ ଧାରଣାରେ ପରିବର୍ତନ ହୋଇପାରିନାହିଁ ବୋଲି ଜଣାପଡୁଛି । ରାଜନୈତିକ ପଟ୍ଟ ପରିବର୍ତନ ସହିତ ବିଚ୍ଛିନ୍ନତାବାଦୀଙ୍କ ମନରେ ଲୁଚି ରହିଥିବା ଏହି ହୀନମନ୍ୟତା ତଥା ହିଂସାତ୍ମକ ଭାବନା ଏବେ ପୁଣି ଥରେ ଚେଇଁ ଉଠିଛି । ସୀମାପାର ଆତଙ୍କବାଦୀମାନଙ୍କ ଦ୍ୱାରା କାଶ୍ମୀରରେ ଆତଙ୍କରାଜ ସୃଷ୍ଟି କରି ଆସୁଥିବା ପାକିସ୍ତାନ ପଞ୍ଜାବରେ ପ୍ରଚୁର ନିଶାଦ୍ରବ୍ୟ ଚାଲାଣ କରି ହିଂସା ଓ ବିଚ୍ଛିନ୍ନତାବାଦୀ ଆତଙ୍କକୁ ଆହୁରି ଉଗ୍ର କରି ରଖିବାକୁ ଚାହୁଁଛି । ଚଳିତ ବର୍ଷ ଭାରତ ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଅମୃତ ପାଲ୍ ସିଂହ ନେତୃତ୍ୱରେ ପଞ୍ଜାବରେ ହିଂସା ସୃଷ୍ଟି ହେବା ଏକ ସୁନିଯୋଜିତ ଭାରତ ବିରୋଧୀ କାର୍ଯ୍ୟକଳାପ ବୋଲି ଜଣାପଡୁଛି । ପୁଲିସ୍ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସୁବ୍ୟବସ୍ଥିତ ଯୋଜନା ଅନୁସାରେ ଅମୃତ ପାଲ୍‌କୁ ଯଥାଶୀଘ୍ର ଧରିବା ପାଇଁ ଦୁଇଦିନ ଧରି ଚେଷ୍ଟା ଚଲାଇଛି । ସେ ଯେତେଶୀଘ୍ର ଗିରଫ ହେବ ସେତେଶୀଘ୍ର ବର୍ତମାନର ରାଜନୈତିକ ତଥା ସାମାଜିକ ଅସ୍ଥିରତାର ଅନ୍ତ ଘଟିବ । ଅମୃତ ପାଲ୍ ପଛରେ କେତେ ଧାର୍ମିକ ଭାବନାର ସମର୍ଥନ ରହିଛି ତାହା ବର୍ତମାନ ସ୍ପଷ୍ଟ ନ ହେଲେ ମଧ୍ୟ ଏହାର ପରିମାଣ ନିଶ୍ଚିତ ବ୍ୟାପକ ନୁହେଁ । ପାକିସ୍ତାନର କ୍ରମାଗତ ପ୍ରତ୍ୟକ୍ଷ ପ୍ରୋତ୍ସାହନ, ସେଥିରେ ଚୀନ୍ ସମର୍ଥନ ଏବଂ ଭାରତ ସୀମାରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଅମୃତ ପାଲ୍ ପଛରେ ଥିବା ସଂଗଠିତ ଅନ୍ତର୍ଜାତୀୟ ଶକ୍ତିକୁ ପ୍ରତିହତ କରିବା ପାଇଁ ଭାରତ ଗମ୍ଭୀର କୂଟନୈତିକ ପ୍ରଚେଷ୍ଟା ଆରମ୍ଭ କରିସାରିଲାଣି । ତେବେ ଆଶ୍ଚର୍ଯ୍ୟର କଥା ପାକିସ୍ତାନ ଯେଭଳି ଦ୍ରୁତ ଗତିରେ ଦେବାଳିଆ ସ୍ଥିତି ଆଡ଼କୁ ଗତି କରୁଛି ଏବଂ ସେଦେଶରେ ଯେପରି ଗୃହଯୁଦ୍ଧର କଳାମେଘ ଘୋଟାଇଛି ତା'ସତ୍ତ୍ୱେ ନିର୍ଲଜ ଭାବରେ ପାକିସ୍ତାନର ଖାଲିସ୍ତାନୀ ଆନ୍ଦୋଳନକୁ ସମର୍ଥନ ଏକ ହାସ୍ୟାସ୍ପଦ ତଥା ଉନ୍ମାଦଗ୍ରସ୍ତ ପ୍ରଚେଷ୍ଟା । ଏକ ଅଶାନ୍ତ, ଅସ୍ଥିର ଓ ଦେବାଳିଆ ପାକିସ୍ତାନ ଯେ ସହଜରେ ତାଲିବାନୀ ଆତଙ୍କବାଦୀଙ୍କ କବଳକୁ ଚାଲିଯିବ ଏହା ସ୍ପଷ୍ଟ ଜଣାପଡୁଛି । ଏହାଫଳରେ ପାକିସ୍ତାନରେ ଥିବା ପରମାଣୁ ଅସ୍ତ୍ରର ଅପପ୍ରୟୋଗର ସମ୍ଭାବନା ଭାରତ ପାଇଁ ଏକ ବଡ଼ ବିପଦ ସାଜିପାରେ । ସମ୍ପ୍ରତି ପାକିସ୍ତାନୀ ସେନା ଦ୍ୱାରା ନିୟମିତ ଭାବେ ଡ୍ରୋନ ବ୍ୟବହାର କରି ପଞ୍ଜାବରେ ଥିବା ଭାରତ ବିରୋଧୀ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା ଏକ ଦୈନିକ ରୁଟିନ୍ ହୋଇସାରିଲାଣି । ପଞ୍ଜାବରେ ଖାଲିସ୍ତାନୀ ଗୋଷ୍ଠୀର ପୁନରୁତ୍ଥାନକୁ ପ୍ରତିହତ କରିବା ପାଇଁ ଭାରତ ପାଖରେ ସବୁପ୍ରକାର ଶକ୍ତି ଓ ସାମର୍ଥ୍ୟ ରହିଛି ।

# ନିଆଁ ମୁହଁରେ ଜଙ୍ଗଲ

ସବ୍ୟସାଚୀ ଅମିତାଭ

ମ ରାଜ୍ୟର ଜଙ୍ଗଲ ସଂପଦକୁ ବନାଗ୍ନି ବିପର୍ଯ୍ୟୟରୁ ବଂଚାଇବାକୁ ହେବ । ବେଳ ଥାଉଥାଉ ସରକାର ଏନେଇ ଉଦ୍ୟମ ଆରମ୍ଭ କରିବା ଦରକାର । ପରିବେଶବିତ୍‌ଙ୍କ ମତରେ, ଏକ ଟୋଲ୍ ଫ୍ରି ନମ୍ବର ଜରିଆରେ ବଣ ନିଆଁର ଖବର ଦେବାର ବ୍ୟବସ୍ଥା କରାଗଲେ ବନ ବିଭାଗ ପାଖକୁ ଶୀଘ୍ର ପହଁଚି ପାରନ୍ତା, ଯାହା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସହାୟକ ହୁଅନ୍ତା ।

ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ନିଆଁ ଲାଗିବା ସପ୍ତାହରୁ ଅଧିକ ସମୟ ହୋଇଗଲାଣି । ହେଲେ ନିଆଁ ଲିଭିବାର ନାଁ ନେଉନି, ବରଂ ନିଆଁ ଦିନକୁ ଦିନ କାୟା ବଢ଼ାଉଛି । ସେପଟେ ସରକାରୀ ଟୁଇଟ୍ ଓ ଜବାବୀ ଟୁଇଟ୍ କହୁଛି- ବିନା କୌଣସି କ୍ଷୟକ୍ଷତିରେ ନିଆଁକୁ ଆୟତ କରାଯାଇ ସାରିଲାଣି । ମୋଟାମୋଟି କଥାଟି ହେଲା- ପ୍ରତିବର୍ଷ ଫେବ୍ରୁଆରୀରୁ ଜୁନ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥାଏ । ପାହାଡ଼ ଉପରେ ଓ ସମତଳ ଭୂମିରେ ଥିବା ଜଙ୍ଗଲରେ ଏଇ ମଣିଷକୃତ ନିଆଁ ବିକଟାଳ ଆଁ କରି ହଜାର ହଜାର ବୃକ୍ଷଲତା ଓ ବିରଳ ଜୀବଜନ୍ତୁଙ୍କୁ ଗ୍ରାସ କରିପକାଏ । ଓଡ଼ିଶାର ଜଙ୍ଗଲ ନିଆଁ ବିଷୟକୁ ଆଲୋଚନା କରିବାକୁ ଗଲେ ଏହାର କାରଣ ଓ ନିରାକରଣର ବାଟ ସବୁ କ'ଣ ରହିଛି ତାକୁ ତର୍ଜମା କରାଯିବା ଦରକାର ।

ଜଙ୍ଗଲ ନିଆଁ ହେଉଛି ସାଧାରଣ ଭାବେ ମନୁଷ୍ୟକୃତ । ବିଶେଷକରି ମହୁଲ ଫୁଲ, ଶାଳମଞ୍ଜି ସଂଗ୍ରହକାରୀ ମାନଙ୍କ ଦ୍ୱାରା ସମ୍ପୃକ୍ତ ଗଛମୂଳରେ ଲଗାଯାଇଥାଏ ଯାହା ପରବର୍ତୀ ସମୟରେ ଜଙ୍ଗଲ ନିଆଁରେ ପରିବର୍ତିତ ହୋଇଥାଏ । ସେହିପରି ବିଡ଼ି ସିଗାରେଟ ନିଆଁ, ଜଙ୍ଗଲ ମଧ୍ୟରେ ରୋଷେଇବାସ, ଶିକାର ପାଇଁ ଲଗାଯାଉଥିବା ନିଆଁ, ଜନସାଧାରଣଙ୍କ ଆକ୍ରୋଶଜନିତ ନିଆଁ ବି ଜଙ୍ଗଲ ନିଆଁର ଅନ୍ୟ ସବୁ ପ୍ରମୁଖ କାରଣ ଅଟେ । ଯେମିତି- ଏଇ କିଛିଦିନ ତଳେ ବେତନଟୀ ରେଞ୍ଜରେ ଥିବା ପାଲବଣୀ ଜଙ୍ଗଲରେ ନିଆଁ ଲାଗିଥିଲା । ଛାନଭିନରୁ ଜଣାପଡ଼ିଲା, କଦଳୀ ନେଇ ଆନ୍ଧ୍ରରୁ ଆସୁଥିବା ଟ୍ରକଗୁଡ଼ିକ କଦଳୀ କାନ୍ଧିଗୁଡ଼ିକୁ ବାରିପଦାରେ ଅନ୍‌ଲୋଡ୍ କରିବା ପରେ କଦଳୀ ଓ ଫଳକୁ ପ୍ୟାକିଂ ଦିଆଯାଇଥିବା କଦଳୀପତ୍ର ଓ ଅନ୍ୟ ସାମଗ୍ରୀକୁ ଆଣି ସଂରକ୍ଷିତ ଜଙ୍ଗଲ କଡ଼ରେ ଅନ୍‌ଲୋଡ୍ କରି ଚାଲିଯାଉଛନ୍ତି । ଏହି ପତ୍ର ଶୁଖିଯିବା ପରେ କେହି ନିଆଁ ଲଗାଇଦେବାରୁ ଏହା ଜଙ୍ଗଲ ମଧ୍ୟକୁ ବ୍ୟାପି ଜଙ୍ଗଲ ହୁତୁହୁତୁ ହୋଇ ଜଳିଥିଲା । ଫଳରେ ବହୁ ଔଷଧୀୟ ବୃକ୍ଷ, ଗୁଳ୍ମ, ଲତା, ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପ ଏହି ନିଆଁରେ ପୋଡ଼ିହୋଇ ନଷ୍ଟ ହୋଇଥିଲେ ବା ଜୀବନ ହାରିଥିଲେ ।ଏକ ତଥ୍ୟ ଅନୁସାରେ, ୨୦୧୮ ନଭେମ୍ବର ୧ ତାରିଖରୁ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାରେ ୫ହଜାର ୩୩୨ଟି ଜଙ୍ଗଲ ନିଆଁ ଘଟଣା ରେକର୍ଡ କରାଯାଇଥିଲା । ପ୍ରତିବର୍ଷ ଏ ସଂଖ୍ୟା ଢେର ବଢୁଛି । କେବଳ ମୟୂରଭଂଜର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ନୁହେଁ, ବରଂ କୋରାପୁଟ, କନ୍ଧମାଳ, ବଲାଙ୍ଗିର, ଗଜପତି, ବୌଦ୍ଧ, ସୋନପୁର ଜିଲ୍ଲାରେ ଥିବା ବିଭିନ୍ନ ଛୋଟ ବଡ଼ ଜଙ୍ଗଲ ମଧ୍ୟ ପ୍ରତିବର୍ଷ ଜଳିଥାଏ । ୨୦୧୯ରେ ବନାଗ୍ନିକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ୪କୋଟି ୬୭ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲେ । ଏଥିସହ ଆଦିବାସୀ ଉପଯୋଜନା ଅର୍ଥରୁ ୮୩ଲକ୍ଷ ୯୯ହଜାର ଓ ସିଏସପିଏସରୁ ସ୍ୱତନ୍ତ୍ର ଭାବେ ୧କୋଟି ୨୪ଲକ୍ଷ ଏପରି ପାଖାପାଖି ୬କୋଟି ଟଙ୍କା ଖର୍ଚ୍ଚ ମଂଜୁର କରାଯାଇଥିଲା । ଏହି ବ୍ୟୟବରାଦ ପ୍ରତିବର୍ଷ ବଢୁଛି । ସେହିପରି ବନ କର୍ମଚାରୀଙ୍କୁ ଆଣ୍ଡ୍ରଏଡ଼ ଫୋନ ଦିଆଯାଇଥିଲା ଏବଂ ନିଆଁ ଲାଗିବା ଖବର ପାଇବା ମାତ୍ରେ ଫଟୋ ଅପ୍‌ଲୋଡ୍ କରିବାକୁ କୁହାଯାଇଥିଲା, ଏସବୁ ସତ୍ତ୍ୱେ ଜଙ୍ଗଲ ନିଆଁ ବାବଦରେ ପ୍ରାଥମିକ ତଥ୍ୟ ହାସଲରେ କ'ଣ ପାଇଁ ଡେରି ହେଉଛି, ଆଉ ବେଳ ଥାଉ ଥାଉ ନିଆଁ ବାବଦରେ କ'ଣ ପାଇଁ ସୂଚନା ମିଳିପାରୁନି ତାହା ବଡ଼ ପ୍ରଶ୍ନ । ଯାହା ପରୋକ୍ଷରେ ବନ କର୍ମଚାରୀ ଦାୟିତ୍ୱହୀନତା ଓ ଖାମଖିଆଲିପଣକୁ ହିଁ ବୟାନ କରୁଛି ।ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କେବଳ ଜଙ୍ଗଲର କ୍ଷତି ହୋଇଥାଏ ବୋଲି ପ୍ରାୟ ଅଧିକାଂଶର ଧାରଣା ରହିଛି । ତେବେ ଏହା ମୋଟାମୋଟି ସଂପୂର୍ଣ୍ଣ ଠିକ୍ କଥା ନୁହେଁ । ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଜଙ୍ଗଲର କିଛି ଲାଭ ମଧ୍ୟ ହୋଇଥାଏ । ସାଧାରଣତଃ ଜଙ୍ଗଲରେ ଅନେକ ଅନାବଶ୍ୟକ ଲଟା, ଗୁଳ୍ମ, ଆକ୍ରାମକ ବିଦେଶୀ ଉଦ୍ଭିଦ ରହିଯାଇଥାଏ । ଯାହା ଜଙ୍ଗଲର ଠିକ୍ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିଥାନ୍ତି । ନିଆଁ ଲାଗିବା ଦ୍ୱାରା ଏହା ଜଳିଯାଇଥାନ୍ତି ଏବଂ ଜଙ୍ଗଲରେ ଥିବା କ୍ଷତିକାରୀ କୀଟ ମଧ୍ୟ ଜଳିଯାଆନ୍ତି । ତୃଣଭୂମିଗୁଡ଼ିକରେ ନିଆଁ ଲାଗିବା ପରେ ତାହା ଅଧିକ ଘନ ଭାବେ ବଢ଼ିଥାଏ, ଯାହା ତୃଣଭୋଜୀ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇଥାଏ । ଏହାଛଡ଼ା, ନିଆଁ ଲାଗିବା ଦ୍ୱାରା ଜଙ୍ଗଲରେ ବ୍ୟାପକ ମାତ୍ରାରେ ପାଉଁଶ ଜମାହୁଏ, ଯାହା ଜଙ୍ଗଲୀ ମାଟିକୁ ଅଧିକ ଉର୍ବର କରିବା ସହ ଜଙ୍ଗଲର ଅଭିବୃଦ୍ଧି ପାଇଁ ପରୋକ୍ଷରେ ସହାୟତା କରେ ।

ତେବେ ଜଙ୍ଗଲ ନିଆଁରେ ହେଉଥିବା ଏଇ ଛୋଟ ଲାଭ ତୁଳନାରେ କ୍ଷତି ଅଧିକ ପରିମାଣରେ ଥାଏ । ଜଙ୍ଗଲର ଅନେକ ବୃକ୍ଷଲତା ଜଳିପୋଡ଼ି ପାଉଁଶ ହୋଇଯାଆନ୍ତି । ବହୁ ବନ୍ୟପ୍ରାଣୀ, ସରୀସୃପ ଜଳି ମରିଥାନ୍ତି । ସାପ, ନେଉଳ, ଗୁଣ୍ଡୁଚି, ପକ୍ଷୀ ବସାରେ ଥିବା ଛୁଆ, ବେଲାରି ମୂଷା ଆଦି ବହୁସଂଖ୍ୟାରେ ମରିଥାନ୍ତି । ନିଆଁ ଲାଗିବା ଯୋଗୁଁ ଜଙ୍ଗଲରେ ଦେଖାଦେଉଥିବା ଖାଦ୍ୟଭାବ କାରଣରୁ ଆଖପାଖ ଜନବସତି ଅଂଚଳରେ ହାତୀ ତଥା ବାଘ ଆଦି ବନ୍ୟପ୍ରାଣୀଙ୍କ ଉପଦ୍ରବ ବଢ଼ିଥାଏ । ମାଟିକୁ ଧରି ରଖୁଥିବା ଗଛଲତା ନଷ୍ଟ ହୋଇଯିବା ଫଳରେ ମୃତିକା କ୍ଷୟ ହୋଇଥାଏ । ସେହିପରି ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବିଭିନ୍ନ ବନ୍ୟଜନ୍ତୁ ନିଜର ଜୀବନ ବଂଚାଇବା ଲାଗି ଅନ୍ୟ ଜଙ୍ଗଲକୁ ଅବା ଆଖପାଖରେ ଥିବା ଜନବସତି ଅଂଚଳକୁ ଚାଲି ଆସିଥାନ୍ତି । ନିଆଁ ଲାଗିବା କାରଣରୁ ଜଙ୍ଗଲରୁ ଖାଦ୍ୟସ୍ରୋତ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଏ । ପରବର୍ତୀ ସମୟରେ ମନୁଷ୍ୟ ସହ ସେମାନଙ୍କର ସାମ୍ନାସାମ୍ନି ହୋଇଗଲେ ତାହା ସଂଘର୍ଷ ଆଡ଼କୁ ମୁହାଁଇଥାଏ, ଆଉ ଉଭୟ ମନୁଷ୍ୟ-ବନ୍ୟପ୍ରାଣୀ ମୃତାହତ ହେବା ସହିତ ଫସଲଗୁଡ଼ିକର ମଧ୍ୟ ଯଥେଷ୍ଟ କ୍ଷୟକ୍ଷତି ହୋଇଥାଏ । ଜଙ୍ଗଲ ନିଆଁ କେବଳ ହଜାର ହଜାର କୋଟି ଟଙ୍କାର ଜଙ୍ଗଲ ସଂପଦ ନଷ୍ଟ କରିନଥାଏ କିମ୍ବା ବନ୍ୟପ୍ରାଣୀଙ୍କ ଜୀବନକୁ ବିପନ୍ନ କରିନଥାଏ, ଏହାସହ ଏହା ବିପୁଳ ମାତ୍ରାର ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରିଥାଏ, ଯାହା ବାୟୁମଣ୍ଡଳ ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଶ୍ୱ ଉତାପନ ବୃଦ୍ଧିରେ ଏହା ସହାୟକ ହୋଇଥାଏ । ଜଙ୍ଗଲରେ ଲାଗୁଥିବା ନିଆଁର ନିରାକରଣ ପାଇଁ କିଛି ଫଳପ୍ରଦ ଉପାୟ ମଧ୍ୟ ରହିଛି । ଯେମିତି ରିଙ୍ଗ୍ ମେଥଡ୍ ଓ ଷ୍ଟ୍ରିପ୍ ମେଥଡ୍ । ରିଙ୍ଗ୍ ମେଥଡ୍‌ରେ ବନ କର୍ମଚାରୀମାନେ ପ୍ରତି ଗଛମୂଳରେ ଏକ ରିଙ୍ଗ କରି ଶୁଖିଲା ପତ୍ର ସବୁ ନିଆଁ ଲଗାଇ ଦେଇଥାନ୍ତି । ଫଳରେ ଲୋକଙ୍କୁ ଜଙ୍ଗଲରେ ନିଆଁ ଲଗାଇବାର ଆବଶ୍ୟକତା ପଡ଼ିବନି । ସେହିପରି ଷ୍ଟ୍ରିପ ମେଥଡ୍‌ରେ ଲମ୍ବା ଷ୍ଟ୍ରିପ୍ କରି ଶୁଖିଲା ପତ୍ର ସବୁ ବାହାର କରିବା ସହ ସଂପୃକ୍ତ ଅଂଚଳକୁ ଶୁଖିଲା ପତ୍ରବିହୀନ କରିବାକୁ ପଡ଼େ, ଯାହାଫଳରେ ନିଆଁ ଲାଗିବା ସ୍ଥିତିରେ ବି ଗଛ ନିକଟକୁ ନିଆଁ ପହଂଚି ପାରିବନି ଆଉ ଗଛ ସୁରକ୍ଷିତ ରହିବ । ତେବେ କେତେକ କ୍ଷେତ୍ରରେ ବନ କର୍ମଚାରୀ ଏଥିରେ ଆଗ୍ରହ ଦେଖାଉ ନାହାଁନ୍ତି, ଫଳରେ ପଦ୍ଧତିଗୁଡ଼ିକ ପୋଥି ବାଇଗଣ ପରି ରହିଯାଉଛି । ସେହିପରି ବନ ସଂରକ୍ଷଣ କମିଟିମାନ ଗଠନ କରି ଲୋକଙ୍କୁ ଜଙ୍ଗଲ ସୁରକ୍ଷା କରିବା, ବୃକ୍ଷରୋପଣ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟଜନ୍ତୁ ସୁରକ୍ଷା କରିବା ସଂପର୍କରେ ଜନସଚେତନା କରିବା ଆବଶ୍ୟକ, ଏହା କେତେଦୂର କରାଯାଉଛି ତାହା ଆଲୋଚନାର ବିଷୟବସ୍ତୁ । ଜଙ୍ଗଲ ନିଆଁ ଲାଗିଲେ ତୁରନ୍ତ ଲିଭାଇବା ପାଇଁ ପ୍ରତି ରେଞ୍ଜ ଅଂଚଳରେ ଆବଶ୍ୟକ ପରିମାଣରେ କର୍ମଚାରୀ ଦିନରାତି ସଜାଗ ରହିବା ଦରକାର, ହେଲେ ଏହା ପାଳନ ହେଉନି ।ସେପଟେ ନିଆଁର ମୁକାବିଲା ପାଇଁ ଆମର ଭିତିଭୂମିଗତ ଅଭାବ ବି ଏକ ବଡ଼ କାରଣ ରହିଆସିଛି । ସାଧାରଣ ଭାବେ ସାଟେଲାଇଟରେ ବନାଗ୍ନି ଓ କେଉଁ ଅଂଚଳରେ ଲାଗିଛି ସୂଚନା ଆସିବା ପରେ ବନ କର୍ମଚାରୀ ସେଠାରେ ପହଂଚି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ପ୍ରତିବର୍ଷ କୋଟି କୋଟି ଟଙ୍କାର ବନଜ ସମ୍ବଳ ପୋଡ଼ି ଯାଉଥିବାବେଳେ ତୃଣମୂଳ ସ୍ତରରେ ନିଆଁ ସହ ସଂଘର୍ଷ କରିବା ପାଇଁ ନା ଅଛନ୍ତି ଆବଶ୍ୟକୀୟ ଦକ୍ଷ କର୍ମଚାରୀ ନା ରହିଛି ଅତ୍ୟାଧୁନିକ ଯନ୍ତ୍ରପାତି । ପାରମ୍ପରିକ ଉପାୟରେ ଗ୍ରାମବାସୀଙ୍କ ସହଯୋଗରେ ବନ ବିଭାଗ ଜଙ୍ଗଲ ନିଆଁ ସହ ଲଢୁଛି । ଜଙ୍ଗଲ ନିଆଁକୁ ଆୟତ କରିବା ଦିଗରେ ବନ କର୍ମଚାରୀଙ୍କୁ ବିଶେଷ ତାଲିମ ଦିଆଯିବାର ଆବଶ୍ୟକତା ରହିଛି । ଜଙ୍ଗଲ ସୁରକ୍ଷାରେ କାମ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଦେଇ ଜଙ୍ଗଲ ନିଆଁ ଆୟତ କରିବା ସକାଶେ ସରକାର ନିୟୋଜିତ କରିବା ଦରକାର ।ଆମ ରାଜ୍ୟର ଜଙ୍ଗଲ ସଂପଦକୁ ବନାଗ୍ନି ବିପର୍ଯ୍ୟୟରୁ ବଂଚାଇବାକୁ ହେବ । ବେଳ ଥାଉଥାଉ ସରକାର ଏନେଇ ଉଦ୍ୟମ ଆରମ୍ଭ କରିବା ଦରକାର । ପରିବେଶବିତ୍‌ଙ୍କ ମତରେ, ଏକ ଟୋଲ୍ ଫ୍ରି ନମ୍ବର ଜରିଆରେ ବଣ ନିଆଁର ଖବର ଦେବାର ବ୍ୟବସ୍ଥା କରାଗଲେ ବନ ବିଭାଗ ପାଖକୁ ଶୀଘ୍ର ପହଁଚି ପାରନ୍ତା, ଯାହା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସହାୟକ ହୁଅନ୍ତା । ଜଙ୍ଗଲ ନିଆଁ ପରିଚାଳନାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯାଇ ଏହାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାର ସମୟ ଆସିଯାଇଛି । ଉପଗ୍ରହଭିତିକ ରିମୋଟ ସେନ୍‌ସିଂ ଡାଟା, କ୍ଷେତ୍ରରୁ ମିଳିଥିବା ରିପୋର୍ଟ ଡାଟାକୁ ନେଇ ଏକ ଜଙ୍ଗଲ ନିଆଁ ସୂଚନା ଡାଟାବେସ୍ ଗଠନ କରାଯିବା ଦରକାର । ଯାହା ଦୀର୍ଘକାଳୀନ ଭିତିରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ।

# ଭାରତର ୭୫ତମ ସ୍ୱାଧୀନତା ଦିବସର ବ୍ୟାପକ ଅର୍ଥ

ସତ୍ୟ ନାରାୟଣ ସାହୁ

ଆରମ୍ଭ ହୋଇଥିବା ଦାଣ୍ଡି ଯାତ୍ରାର ସ୍ୱାସ୍ଥ୍ୟଜନିତ ଏକ ମହନୀୟ ବାର୍ତା ଏଇ ଏକବିଂଶ ଶତାବ୍ଦୀ ଭାରତ ପାଇଁ ଅପରିହାର୍ଯ୍ୟ । ଲବଣ ଆଇନ ଭଙ୍ଗ କରିବାର ତିନି ଦିନ ପୂର୍ବରୁ ୩ ଏପ୍ରିଲ ୧୯୩୦ରେ ଗାନ୍ଧିଜୀ ଏକ ଭାଷଣରେ ବ୍ୟଥିତ ହୋଇ କହିଥିଲେ ଯେ, ତାଙ୍କର ସହକର୍ମୀମାନେ ଦିନକୁ ୧୦ କିଲୋମିଟର ପାଦରେ ଚାଲିପାରୁନଥିଲେ ଓ କ୍ଲାନ୍ତ ହୋଇଯାଉଥିଲେ ।

ଆମ ଦେଶର ୭୫ତମ ସ୍ୱାଧୀନତା ଦିବସ ୧୫ ଅଗଷ୍ଟ ୨୦୨୨ରୁ ଆରମ୍ଭ ହେବ । ତେବେ ୫ ମାର୍ଚ୍ଚ ୨୦୨୧ରେ ଭାରତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ ଯେ, ୭୫ତମ ସ୍ୱାଧୀନତା ଦିବସ ୧୨ ମାର୍ଚ୍ଚ ୨୦୨୧ରୁ ପାଳନ କରାଯିବ ଓ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୫୯ ସଦସ୍ୟ ବିଶିଷ୍ଟ ଜାତୀୟ ସ୍ତରରେ ଏକ ବଡ଼ କମିଟି ଗଠନ କରାଯାଇଛି । ୧୨ ମାର୍ଚ୍ଚରୁ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଏଇଥିପାଇଁ ନିଷ୍ପତି ନିଆଗଲା, କାରଣ ୧୨ ମାର୍ଚ୍ଚ ୧୯୩୦ରେ ମହାତ୍ମା ଗାନ୍ଧି ଯୁଗାନ୍ତକାରୀ ଲବଣ ସତ୍ୟାଗ୍ରହ ସାବରମତୀ ଆଶ୍ରମରୁ ଆରମ୍ଭ କରି ଦାଣ୍ଡି ଅଭିମୁଖେ ଯାତ୍ରା କରିଥିଲେ ଓ ସେଠାରେ ନିଜ ହାତମୁଠାରେ ସମୁଦ୍ର କୂଳରୁ ସାମାନ୍ୟ ଲୁଣ ନେଇ ବ୍ରିଟିଶ ସରକାରଙ୍କ କୃତ ଶୋଷଣକାରୀ ଲବଣ ଆଇନକୁ ଅହିଂସା ବଳରେ ଭଙ୍ଗ କରିଥିଲେ । ସେହି ଲବଣ ସତ୍ୟାଗ୍ରହ ଭାରତରେ ପ୍ରତିଷ୍ଠିତ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା ଓ ପ୍ରକୃତିର ସମ୍ପଦ ଉପରେ ସାଧାରଣ ଲୋକଙ୍କ ଅଧିକାରକୁ ଦୃଢ଼ଭାବେ ସାବ୍ୟସ୍ତ କରିପାରିଥିଲା । ୧୨ ମାର୍ଚ୍ଚ ୨୦୨୧ରେ ଦାଣ୍ଡି ଯାତ୍ରାର ୯୧ତମ ବାର୍ଷିକୀ ପାଳନ କରାଯିବ ଏବଂ ସେହି ପରିପ୍ରେକ୍ଷୀରେ ଭାରତର ୭୫ତମ ସ୍ୱାଧୀନତା ଦିବସର ପାଳନ ପ୍ରଥମ ପଦକ୍ଷେପ ନିଆଯିବ । ୧୦ ମାର୍ଚ୍ଚ ୧୯୩୦ରେ, ଲବଣ ସତ୍ୟାଗ୍ରହର ଦୁଇ ଦିନ ପୂର୍ବରୁ ମହାତ୍ମା ଗାନ୍ଧି ଅହମ୍ମଦାବାଦରେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ଭାଷଣରେ କହିଥିଲେ "ମୋର ଲକ୍ଷ୍ୟ ହେଉଛି ଲବଣ କରକୁ ଉଚ୍ଛେଦ କରିବା, ତାହାହିଁ ଭାରତର ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତ ପାଇଁ ହେବ ପ୍ରଥମ ପଦକ୍ଷେପ' । ୨୬ ଜାନୁଆରୀ ୧୯୩୦ରେ ଭାରତୀୟ ଜାତୀୟ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ପାଇଁ ପ୍ରସ୍ତାବ ଘୋଷଣା କରିବା ପରେ ୧୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ନିଜେ ଲବଣ ସତ୍ୟାଗ୍ରହ ଓ ଦାଣ୍ଡିଯାତ୍ରା କରି ଲବଣ ଆଇନକୁ ଭାଙ୍ଗି ଭାରତର ସ୍ୱାଧୀନତା ପାଇବା ପାଇଁ ସମଗ୍ର ଦେଶକୁ ସଂଘର୍ଷ କରିବାପାଇଁ ଅନୁପ୍ରାଣିତ କଲେ ଓ ତାର ପ୍ରଭାବ ଭାରତର ପ୍ରତ୍ୟେକ ପ୍ରାନ୍ତ ତଥା ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା ।ସେହିଦିନ ସେ ପ୍ରତିଜ୍ଞା କରିଥିଲେ ଯେ, ତାଙ୍କର ଲବଣ ସତ୍ୟାଗ୍ରହ ଦ୍ୱାରା ଯଦି ଭାରତ ସ୍ୱାଧୀନତା ପାଇବ ନାହିଁ ତେବେ ସେ ସାବରମତୀ ଆଶ୍ରମକୁ ଫେରିବେ ନାହିଁ ଓ ସେହି ପ୍ରତିଜ୍ଞାକୁ ରକ୍ଷାକରି ସେ ସାବରମତୀ ଆଶ୍ରମକୁ ଫେରିନଥିଲେ । ୧୯୪୭ରେ ଭାରତ ସ୍ୱାଧୀନତା ପାଇବାର କିଛିଦିନ ପୂର୍ବରୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିଜୀଙ୍କୁ ମନେ ପକାଇଦେଇ କହିଥିଲେ ଯେ, ଭାରତର ସ୍ୱାଧୀନତା ନିକଟ ହୋଇଆସିଲା ଓ ସେ ସ୍ୱାଧୀନତା ପରେ ତାଙ୍କର ପ୍ରତିଜ୍ଞା ମୁତାବକ ସାବରମତୀ ଆଶ୍ରମ ଯିବା କଥା, ଗାନ୍ଧୀ କହିଲେ ସାବରମତୀ ବହୁତ ଦୂରରେ ଓ ନୋଆଖାଲି, ଯେଉଁଠି ଭାରତ ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗା ଓ ରକ୍ତପାତ ହେଉଥିଲା, ତାଙ୍କର ଅତି ନିକଟରେ ଓ ସେ ସେଠାକୁ ଯିବେ । ସେ ନୋଆଖାଲି ଗଲେ ଓ ତାଙ୍କର ଅନବରତ ପ୍ରୟାସରେ ସେଠାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ ହୋଇପାରିଲା ଏବଂ ମାଉଂଟବେଟେନ ତାଙ୍କର ଆଶ୍ଚର୍ଯ୍ୟଜନକ ସଫଳତାରେ ପ୍ରଭାବିତ ହୋଇ ତାଙ୍କୁ ଏକ ବ୍ୟକ୍ତିକୈନ୍ଦ୍ରିକ ସୈନ୍ୟବାହିନୀ ବୋଲି ସମ୍ବୋଧନ କରିଥିଲେ ଓ କହିଥିଲେ ଯେ ପଞ୍ଜାବରେ ୬୦,୦୦୦ ସୈନ୍ୟ ଯାହା କରିପାରିନଥିଲେ ଜଣେ ଗାନ୍ଧି ନୋଆଖାଲିରେ କରିପାରିଥିଲେ ।ଭାରତକୁ ସ୍ୱାଧୀନ କରିବା ପାଇଁ ଲକ୍ଷ୍ୟ ରଖି ଗାନ୍ଧିଜୀ ଯେଉଁ ଐତିହାସିକ ଦାଣ୍ଡି ଯାତ୍ରା ୧୨ ମାର୍ଚ୍ଚରେ ଆରମ୍ଭ କରିଥିଲେ ତାହାର ଓ ସେ ଦିନର ଯଥାର୍ଥତା କେବଳ ଭାରତ ପାଇଁ ନୁହେଁ ବରଂ ଭାରତର ପଡୋଶୀ ଦେଶ ମରିସସର ସ୍ୱାଧୀନତା ପାଇଁ ପ୍ରେରଣା ଯୋଗାଇଥିଲା । ୧୯୬୮ ମସିହାରେ ମରିସସକୁ ବ୍ରିଟିଶ ଶାସନରୁ ସ୍ୱାଧୀନତା ଦେବା ପାଇଁ ନିଷ୍ପତି ନିଆଗଲା ଓ ସେହି ଦେଶର ନେତୃବୃନ୍ଦ ୧୨ ମାର୍ଚ୍ଚରେ ସ୍ୱାଧୀନତା ପ୍ରାପ୍ତି ପାଇଁ ନିଷ୍ପତି ନେଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ତାଙ୍କର ଦେଶ ୧୨ ମାର୍ଚ୍ଚରେ ଏଇଥିପାଇଁ ସ୍ୱାଧୀନତା ପ୍ରାପ୍ତି ପାଇଁ ନିଷ୍ପତି ନେଲେ, କାରଣ ସେହିଦିନ ୧୯୩୦ରେ ମହାତ୍ମା ଗାନ୍ଧି ଭାରତରେ ଲବଣ ସତ୍ୟାଗ୍ରହ ଆରମ୍ଭ କରି ଦାଣ୍ଡି ଯାତ୍ରା କରିଥିଲେ ।ଅର୍ଥାତ୍ ଭାରତର ସ୍ୱାଧୀନତା ପାଇଁ ଦାଣ୍ଡି ଯାତ୍ରାର ଯେତେ ମହତ୍ୱ ୧୯୩୦ରେ ଥିଲା ମରିସସର ସ୍ୱାଧୀନତା ପାଇଁ ୧୯୬୮ରେ ସେତିକି ଥିଲା ଓ ଏକବିଂଶ ଶତାବ୍ଦୀରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ମଧ୍ୟ ସେତିକି ଅଛି । ଦାଣ୍ଡି ଯାତ୍ରାର ଚିରନ୍ତନ ପ୍ରାସଙ୍ଗିକତା ରହି ଆସିଛି ଓ ରହିବ ମଧ୍ୟ । ୧୨ ମାର୍ଚ୍ଚ ୧୯୩୦ର ଲବଣ ସତ୍ୟାଗ୍ରହ ୧୨ ମାର୍ଚ୍ଚ ୨୦୨୧ର ଭାରତ ପାଇଁ ବହୁ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଖାଉଛି ।

ଉଦାହରଣ ସ୍ୱରୂପ, ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିବା ପୂର୍ବରୁ ତତ୍କାଳୀନ ଭାଇସରାୟ ଇରୱିନଙ୍କୁ ଜଣାଇଥିଲେ ଭାରତରେ ବ୍ରିଟିଶ ନୀତି ଯୋଗୁଁ ଲୋକମାନଙ୍କ ମଧ୍ୟରେ ବଢୁଛି ଆର୍ଥିକ ଓ ସମ୍ପତିଗତ ଅସମାନତା । ୨୦୨୧ରେ ସେହି ଅସମାନତା ବଢି ବଢି ଯାଉଛି । ଦାଣ୍ଡି ଯାତ୍ରାର ମୂଳ ବାର୍ତା ଥିଲା, ସଂସାଧନର ସମାନ ବଂଟନ ଓ ସାଧାରଣ ଲୋକଙ୍କର ପ୍ରାକୃତିକ ସମ୍ପଦ ଉପରେ ଅଧିକାର । ପ୍ରଶ୍ନ କରାଯାଇପାରିବ ଯେ, ଭାରତ ୭୫ତମ ସ୍ୱାଧୀନତା ଦିବସ ଯେବେ ୧୨ ମାର୍ଚ୍ଚରୁ ଆରମ୍ଭ କରୁଛି ତେବେ ଆମର ସରକାର ଦାଣ୍ଡି ଯାତ୍ରାର ମୂଳ ବାର୍ତାକୁ କେତେ ଦୂର କାର୍ଯ୍ୟକାରୀ କରିପାରିଛି ।

ବର୍ତମାନ ଭାରତରେ କୃଷକମାନେ କୃଷି ଆଇନ ବିରୁଦ୍ଧରେ ଯେତେବେଳେ ୧୦୦ ଦିନରୁ ଅଧିକ ଆନ୍ଦୋଳନରତ, ସେତେବେଳେ ମନେପଡ଼େ ଦାଣ୍ଡି ଯାତ୍ରା ପୂର୍ବରୁ ୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ଆଲୋକପାତ କରିଥିବା କୃଷକମାନଙ୍କ ଉପରେ ବ୍ରିଟିଶ ଆଇନ ଦ୍ୱାରା ହୋଇଥିବା ଶୋଷଣ । ଏଇଥିପାଇଁ ସେ କହିଥିଲେ ଯେ, ଭାରତ ଦାଣ୍ଡି ଯାତ୍ରାଦ୍ୱାରା ସ୍ୱାଧୀନତା ପ୍ରାପ୍ତ କରିପାରିଲେ କୃଷକମାନଙ୍କର ବୋଝ ହାଲ୍‌କା ହେବ । ତେବେ ୭୫ତମ ସ୍ୱାଧୀନତା ଦିବସ ପାଳନ ସମୟରେ ତାହା କ'ଣ ହୋଇପାରିଛି ?

ବର୍ତମାନ ଯେମିତି ୨୦୨୧ରେ ଭାରତରେ ହିନ୍ଦୁ-ମୁସଲିମ ବିଷୟକୁ ନେଇ ତିକ୍ତତା ଜାଣିଶୁଣି ବଢ଼ାଇ ଦିଆଯାଉଛି ଓ ଲୋକମାନଙ୍କ ମୂଳ ସମସ୍ୟାରୁ ଦେଶର ଶାସକମାନେ ଧ୍ୟାନ ହଟାଉଛନ୍ତି । ସେମିତି ବ୍ରିଟିଶ ସରକାର ୧୯୩୦ରେ କରୁଥିଲେ ଓ ସେଥିପାଇଁ ଗାନ୍ଧିଜୀ ବ୍ରିଟିଶ ଭାଇସରାୟଙ୍କୁ ଲେଖିଥିବା ୬ ମାର୍ଚ୍ଚ ୧୯୩୦ର ଚିଠିରେ ଦର୍ଶାଇଥିଲେ ଯେ, ଅଯଥା ସାମ୍ପ୍ରଦାୟିକ ମୁଦ୍ଦାକୁ ଗୁରୁତ୍ୱ ଦେଇ ସାମ୍ପ୍ରଦାୟିକ ବିଷୟ ଊର୍ଦ୍ଧ୍ୱରେ ଥିବା ଲୋକଙ୍କର ଗୁରୁତର ଓ ସାଧାରଣ ସମସ୍ୟାର ସମାଧାନ ପାଇଁ ପ୍ରାଧାନ୍ୟ ଦିଆଯାଉନଥିଲା । ଏହି ଗୁରୁତର ପ୍ରଶ୍ନ ଯାହା ୧୯୩୦ରେ ସେ ଉଠାଇଥିଲେ ତାର ପ୍ରାସଙ୍ଗିକତା ୨୦୨୧ର ଭାରତ ପାଇଁ ବଢ଼ିଯାଇଛି ।

ଦାଣ୍ଡି ଯାତ୍ରା ସମୟରେ ଯେତେବେଳେ ଜଣେ ମୁସଲିମ ସମ୍ପ୍ରଦାୟର ଯୁବକ ଗାନ୍ଧିଜୀଙ୍କୁ ପଚାରିଲେ ସ୍ୱାଧୀନ ଭାରତର ସଂସଦରେ କେତେଜଣ ମୁସଲିମ ଲୋକପ୍ରତିନିଧି ସ୍ଥାନ ପାଇବେ- ସେ ଉତରରେ କହିଥିଲେ ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସି ଏବଂ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ପ୍ରତିନିଧି ସ୍ଥାନ ପାଇବା ପରେ ବଳକା ସ୍ଥାନ ଅନ୍ୟମାନଙ୍କୁ ଦିଆଯିବ । ଅର୍ଥାତ୍ ସେ ଚାହୁଁଥିଲେ ଏପରି ସଂସଦ ଯେଉଁଥିରେ ସବୁ ସଂପ୍ରଦାୟର ଜନପ୍ରତିନିଧି ସ୍ଥାନ ପାଇପାରିବେ । ୧୨ ମାର୍ଚ୍ଚରୁ ଯେତେବେଳେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ ଆମେ ପ୍ରଶ୍ନ କରିବା ଆମର ସଂସଦ କେତେ ପରିମାଣରେ ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ କରୁଛି ।୧୨ ମାର୍ଚ୍ଚ ୧୯୩୦ରେ ଆରମ୍ଭ ହୋଇଥିବା ଦାଣ୍ଡି ଯାତ୍ରାର ସ୍ୱାସ୍ଥ୍ୟଜନିତ ଏକ ମହନୀୟ ବାର୍ତା ଏଇ ଏକବିଂଶ ଶତାବ୍ଦୀ ଭାରତ ପାଇଁ ଅପରିହାର୍ଯ୍ୟ । ଲବଣ ଆଇନ ଭଙ୍ଗ କରିବାର ତିନି ଦିନ ପୂର୍ବରୁ ୩ ଏପ୍ରିଲ ୧୯୩୦ରେ ଗାନ୍ଧିଜୀ ଏକ ଭାଷଣରେ ବ୍ୟଥିତ ହୋଇ କହିଥିଲେ ଯେ, ତାଙ୍କର ସହକର୍ମୀମାନେ ଦିନକୁ ୧୦ କିଲୋମିଟର ପାଦରେ ଚାଲିପାରୁନଥିଲେ ଓ କ୍ଲାନ୍ତ ହୋଇଯାଉଥିଲେ । ଗାନ୍ଧିଜୀଙ୍କୁ ୬୧ବର୍ଷ ହୋଇଥିଲା ଓ ସେ ଅନ୍ୟମାନଙ୍କଠାରୁ ଦ୍ରୁତ ବେଗରେ ଚାଲୁଥିଲେ ।ସେ କହିଲେ- ୧୯୩୦ର ଆଧୁନିକ ପିଢ଼ି ଦୁର୍ବଳ, ସୂକ୍ଷ୍ମ ଓ ଅତି ସୁକୁମାରିଆ ହୋଇଗଲେଣି ଓ ଏହି ଅବସ୍ଥାରେ ସେମାନେ ଦେଶସେବା କେମିତି କରିବେ । ସେଥିପାଇଁ ସେ କହିଥିଲେ ଯେ, ଦେଶସେବା ସାଙ୍ଗରେ ଶାରୀରିକ ବ୍ୟାୟାମ ନିହାତି ଆବଶ୍ୟକ ଓ ଚାଲିବା ହେଉଛି ବ୍ୟାୟାମ ମଧ୍ୟରେ ରାଜା । ସେ ଏକଥା ମଧ୍ୟ କହିଥିଲେ ଯେ, ଅଳ୍ପ ଦୂରତା ପାଇଁ ଗାଡ଼ି ବ୍ୟବହାର ନକରିବା ପାଇଁ । ୨୦୨୧ ଭାରତର ଯୁବକ ଜୀବନଶୈଳୀ ଜନିତ ରୋଗରେ ଗ୍ରସ୍ତ, ସହର ଓ ଗ୍ରାମରେ ମଧ୍ୟ ସ୍ୱଳ୍ପ ଦୂରତା ପାଇଁ ଗାଡ଼ି ବ୍ୟବହାର ହେଉଛି । ଭାରତ ବର୍ତମାନ ମଧୁମେହ ରୋଗର ରାଜଧାନୀ ହୋଇସାରିଲାଣି । ଗାନ୍ଧିଜୀ ଯାହା କହିଥିଲେ ଯେ, ଚାଲିବା ହେଉଛି ବ୍ୟାୟାମ ଭିତରେ ରାଜା ତାହା ଏହି ପିଢ଼ି ବୁଝି ଅଧିକ ପରିମାଣରେ ଚାଲି ଶରୀରକୁ ରୋଗମୁକ୍ତ ଓ ସୁସ୍ଥ ରଖିପାରିଲେ ବାସ୍ତବରେ ଦେଶସେବା ବୋଲି ବୁଝିବାକୁ ହେବ । ଦାଣ୍ଡି ଯାତ୍ରାର ଏହିସବୁ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେଇ ଭାରତର ୭୫ତମ ସ୍ୱାଧୀନତା ପାଳନ କଲେ ଆମେ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ତିଆରି କରିପାରିବା ।

# ଦେବୀ ଚର୍ଚ୍ଚିକାଙ୍କ ଆରାଧନା

ବପବିତ୍ର ମହାନଦୀ କୂଳ ରଚିକ ପାହାଡ଼ ଉପରେ ଅବସ୍ଥିତ ଏକ ମହାନ୍ ତନ୍ତ୍ରପୀଠ । ଦେବୀ ଚର୍ଚ୍ଚିକା ଏହାର ଅଧିଷ୍ଠାତ୍ରୀ ଦେବୀ। ୬ଷ୍ଠ/୭ମ ଶତାବ୍ଦୀରେ ଭୌମକର ରାଜାଙ୍କ ରାଜତ୍ୱ କାଳରେ ଅଷ୍ଟଭୁଜା ଦେବୀ ଚର୍ଚ୍ଚିକାଙ୍କ ଆରାଧନା ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ଦେବୀ ଅଷ୍ଟଭୁଜରେ ଖଡ୍ଗ, ତ୍ରିଶୂଳ,ସର୍ପ, ଅଙ୍କୁଶ, ଅକ୍ଷମାଳ, ଛିନ୍ନମସ୍ତକ ଓ ଡମରୁ ଧାରଣ କରିଥିବା ବେଳେ ବାମହସ୍ତ କନିଷ୍ଠାଙ୍ଗୁଳିକୁ ଦାନ୍ତରେ କାମୁଡ଼ି ଧରିଛନ୍ତି । ମା'ଙ୍କ ବକ୍ଷରେ ନରମୁଣ୍ଡମାଳା ଶୋଭା ଯାଉଥିବା ବେଳେ ମା' ଏକ ଶବ ଉପରେ ଆସୀନ । ଦେବୀ ଚାମଣ୍ଡା ହୋଇଥିବାରୁ ଏହି ପୀଠକୁ ଚାମୁଣ୍ଡା ମଣ୍ଡଳ ଭାବରେ ଅଭିହିତ କରାଯାଇଛି । ଚାମୁଣ୍ଡାମାନେ ପରମ ବୈଷ୍ଣବୀ ନୁହନ୍ତି । ସେଥିପାଇଁ ସେମାନଙ୍କ ନିକଟରେ ଆମିଷ ଭୋଗର ବ୍ୟବସ୍ଥା ରହିଛି । ଦେବୀ ଚର୍ଚ୍ଚିକାଙ୍କ ପାଖରେ କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଆମିଷ ଭୋଗ କରାଯାଏ ନାହିଁ। ଅନ୍ୟସବୁ ମାସରେ କେବଳ ଗୁରୁବାରକୁ ଛାଡ଼ି ଆମିଷ ଭୋଗ ହେଉଥିବା ବେଳେ ଶାରଦୀୟ ଷୋଳ ପୂଜାରେ ପ୍ରତ୍ୟେକ ଦିନ ଆମିଷ ଭୋଗ ହୋଇଥାଏ । ଦେବୀଙ୍କ ବାହନ ସିଂହ । ଜୀବନ ମାତ୍ରେ ଶକ୍ତିମୟୀଙ୍କର ଭାବନା – ହୃଦୟରେ ବହନ କଲେ ବରଜୀବ ସିଂହ ସଦୃଶ ହେବ । ସିଂହ ହିଁ ଶକ୍ତିର ପ୍ରତୀକ । ତେଣୁ ଭକ୍ତ 'ଯା' ଶବ୍ଦ ଯୁକ୍ତ କରି ମହାଲକ୍ଷ୍ମୀ, ମହାକାଳୀ ଓ ମହା ସରସ୍ୱତୀରୂପା ଜଗଜ୍ଜନନୀ ଶକ୍ତି ସିଂହବାହିନୀଙ୍କୁ ପ୍ରାର୍ଥନା କରେ । ବାଙ୍କୀ ଚର୍ଚ୍ଚିକା ପୀଠର ପରିଚୟ ଓ ପ୍ରସିଦ୍ଧି ବହୁ ପୁରାତନ। କେଉଁ ଯୁଗରେ ଏହି ପୀଠର ସୃଷ୍ଟି ହୋଇଥିଲା, କିଏ ଏହାର ପ୍ରତିଷ୍ଠାତା ସେ ବିଷୟରେ କୌଣସି ଐତିହାସିକ ତଥ୍ୟ ମିଳିନାହିଁ । ପୌରାଣିକ ଉପାଖ୍ୟାନ, କିମ୍ବଦନ୍ତୀ ଓ ଜନଶ୍ରୁତିରୁ ଏହି ପୀଠର ଆବିର୍ଭାବ ସଂପର୍କରେ ଯାହା କିଛି ବିବରଣୀ ମିଳିଥାଏ । ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଚର୍ଚ୍ଚିକାଦେବୀଙ୍କ ମୂର୍ତ୍ତି ୯ମ – ୧୦ମ ଶତାବ୍ଦୀର କୀର୍ତ୍ତି ବୋଲି ୧୯୫୫ ମସିହା ବାଙ୍କୀ ଅଞ୍ଚଳର ପ୍ରତ୍ନତତ୍ତ୍ୱରେ ଲେଖିଥିଲେ । ପୁରୁଣା କାଳରେ ଦେବୀ ମନ୍ଦିର ପରିବର୍ତ୍ତିତ ହୋଇ ପୀତାମ୍ବର ଶ୍ରୀଚନ୍ଦନ ଅମଳରେ ମନ୍ଦିରର ପୁନଃ ନିର୍ମାଣ ଓ ଶୂନ୍ୟ ବାହିନୀ ମଣ୍ଡପ ନିର୍ମାଣ ହୋଇଥିଲା । ସବୁ ଦେବଦେବୀ ପୀଠ ପରି ଚର୍ଚ୍ଚିକା ପୀଠରେ କେତେକ ପାର୍ଶ୍ୱ ଦେବତା ରହିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ ପଞ୍ଚ ମହାଦେବ, ଶ୍ରୀ ଗଣେଶ, ଶ୍ରୀମଙ୍ଗଳା, ଶ୍ରୀଜଗନ୍ନାଥ, ଶ୍ରୀରାମ, ସନ୍ତୋଷୀ, ମା'ତ୍ରିନାଥ ଦେବଙ୍କ ମନ୍ଦିରମାନ ରହିଛି । ଦେବୀଙ୍କ ସମ୍ମୁଖ ଭାଗରେ ଏବଂ ତା'ଠାରୁ ସାମାନ୍ୟ ନିମ୍ନରେ ତଳଉପର ହୋଇ କାଠ ତିଆରି ଦୁଇଟି ମଣ୍ଡପ ରହିଛି । ପ୍ରଥମ ମଣ୍ଡପଟି ବାରଗୋଟି ସ୍ତମ୍ଭ ଉପରେ ସ୍ଥାପନ କରାଯାଇଛି । ଏହାକୁ ଶୂନ୍ୟବାହିନୀ ମଣ୍ଡପ ବୋଲି କୁହାଯାଏ । କାଠରେ ଏପରି ସୂକ୍ଷ୍ମ କାରୁକାର୍ଯ୍ୟ ମଣ୍ଡିତ ମଣ୍ଡପ ବୋଧହୁଏ ଓଡ଼ିଶାରେ ବିରଳ । ମା' ଚର୍ଚ୍ଚିକାଙ୍କ ନୀତିକାନ୍ତି ପୂଜା ସେବା ବ୍ରାହ୍ମଣମାନେ କରିଥା'ନ୍ତି। ମାଳୀ ସେବାୟତମାନେ ଅନ୍ୟାନ୍ୟ ସେନାନୀତି କରିଥାନ୍ତି। ଦେବୀ ଚର୍ଚ୍ଚିକାଙ୍କ ନିତିଦିନିଆ ସେବା ମଧ୍ୟରେ ଭୋରରୁ ମନ୍ଦିର ଖୋଲାଯାଇ ମା'ଙ୍କ ଆଳତି, ମାଜଣା କରାଯାଏ । ମାଜଣା ପରେ ନେତ୍ର ଲାଗି ହୁଏ । ଏହି କାର୍ଯ୍ୟ ଘୋରା ଚନ୍ଦନ ଉପରେ ଲାଗିହୁଏ । କାରଣ କଳା ମୁଗୁନି ପଥର ଦେହରେ ପର୍ଶୁରାମ ଶର ମୁନରେ ଆଙ୍କିଥିବା ମା'ଙ୍କ ମୂର୍ତ୍ତିରେ ଚନ୍ଦନ ଲେପି ଭୁଜ, ପୟର, ନେତ୍ର, ଚିତା ଇତ୍ୟାଦି ଲଗାଇ ବେଶ କରାଯାଏ। ବେଶ ପରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା କରାଯାଇ ମା'ଙ୍କ ବଲ୍ଲଭ ଭୋଗ କରାଯାଏ । ଦୈନିକ ଏଠାରେ ଚାରିଥର ଧୂପ ହୋଇଥାଏ। ଦ୍ୱିପ୍ରହର ଧୂପ ପରେ ମନ୍ଦିର ବନ୍ଦ ରହେ, ପୁନର୍ବାର ସଂଧ୍ୟା ପୂର୍ବରୁ ଖୋଲେ। ସଂଧ୍ୟା ଧୂପ ଓ ରାତ୍ରି ଧୂପ ପରେ ମା'ଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା କରାଯାଏ । ଚର୍ଚ୍ଚିକା ପୀଠରେ ପଣ୍ଡା ବା ଝାମୁଯାତ୍ରା, ଦଶହରା, କୁମାର ପୂର୍ଣ୍ଣମୀ, ବାସନ୍ତୀ ପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଆଦି ମହାସମାରୋହରେ ପାଳିତ ହୁଏ । ଦିନ ଥିଲା ଏଠାରେ ପଣାଯାତ୍ରା ଦେଖିବାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଥିଲେ । ଏହି ଯାତ୍ରା ମାସାଧିକକାଳ ଚାଲୁଥିଲା । କାଳକ୍ରମେ ସେ ସବୁର ପରିବର୍ତ୍ତନ ହୋଇଯାଇଛି । ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ ଦେବୀ ଚର୍ଚ୍ଚିକାଙ୍କ ପାଖରେ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୁଏ ।

**ଚର୍ଚ୍ଚିକା ପୀଠରେ ଝାମୁଯାତ୍ରା, ଦଶହରା, କୁମାର ପୂର୍ଣ୍ଣମୀ, ବାସନ୍ତୀ ପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଆଦି ମହାସମାରୋହରେ ପାଳିତ ହୁଏ ।**



# ରାମାୟଣର ଦୁଇଟି କାହାଣୀ

ମହାକାବ୍ୟ ରାମାୟଣ ଭାରତୀୟ ଧର୍ମ, ଦର୍ଶନ, ଶାସ୍ତ୍ରର ପ୍ରଥମ ଉତ୍ସ। ଏହା ଭାରତୀୟ ଜନତାଙ୍କ ପାଇଁ ସତେଯେପରି ଏକ ପ୍ରକାଶ ସ୍ତମ୍ଭ। ଅନ୍ଧାରିତ ଓ ଅଦ୍ଭୁତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ। ରାମାୟଣରେ ବିଭିନ୍ନ ପ୍ରସଙ୍ଗ ଆଲୋକପାତ ହୋଇଛି। ଆସନ୍ତୁ ଆଜିର ଆଲୋଚନାରେ ଦୁଇଟି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବା।

**ଦଶରଥ ଅପୁତ୍ରିକ ହେବାର କାରଣ**

କବି ଜଗନ୍ନାଥ ଦାସ ବ୍ରହ୍ମ ଶାପରେ ଦଶରଥ ଅପୁତ୍ରିକ ହୋଇଥିବା ବର୍ଣ୍ଣନା କରିଛନ୍ତି। ବର୍ଣ୍ଣିତ ଅଛି ଦଶରଥଙ୍କ ସୁକର୍ମରେ ସନ୍ତୁଷ୍ଟ ହୋଇ ଦେବରାଜ ଇନ୍ଦ୍ର ତାଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ। ଫଳରେ ସେ ସ୍ୱଦେହରେ ସ୍ୱର୍ଗ ଦର୍ଶନ ଓ ଦେବ ସଭାରେ ଯୋଗଦାନ କରିବା କେବଳ ଦଶରଥଙ୍କ ଭାଗ୍ୟରେ ହିଁ ଜୁଟିଥିଲା। ତେତିଶ କୋଟି ଦେବତାଙ୍କ ଦ୍ୱାରା ସ୍ୱର୍ଗର ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେବାଲାଗି ଦଶରଥ ସ୍ୱର୍ଗାଭିମୁଖେ ଯାତ୍ରା କରୁଥିବା ସମୟରେ ରାଣୀ କୌଶଲ୍ୟା ସେହିଦିନ ସ୍ୱର୍ଗରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନୁରୋଧ କରିଥିଲେ। ରାଜା ଦଶରଥ ମଧ୍ୟ ସେହିଦିନ ଇନ୍ଦ୍ରଙ୍କ ଠାରୁ ଅନୁମତି ପାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ କପିଳାଦ୍ୱାରା ଅଭିଶାପ ପାଇଥିଲେ ଯେ ପ୍ରଥମ ଗର୍ଭରେ ତୋର କନ୍ୟା ଜାତ ହେବ ଏବଂ ତତପରେ ପୁତ୍ର ଲାଭ ହେବ। କପିଳାର ଏହି ଅଭିଶାପ ଦଶରଥଙ୍କ ଜୀବନରେ ସତ୍ୟରେ ପରିଣତ ହୋଇଥିଲା।

**ସୂର୍ପଣଖା ପ୍ରସଙ୍ଗ**

ଦଣ୍ଡକାରଣ୍ୟରେ ରାମଲକ୍ଷ୍ମଣ ସୀତା ବନବାସ କରୁଥିବା ସମୟରେ ଲକ୍ଷ୍ମଣ ମୃଗୟା ନିମିତ୍ତ ବନ ମଧ୍ୟରେ ଅନ୍ୱେଷଣରେ ଥିବାବେଳେ ଗୁଳ୍ମଲତା ତଳେ ତପସ୍ୟା କରୁଥିବା ସୂର୍ପଣଖା ପୁତ୍ର ଜପାସୁର ଲକ୍ଷ୍ମଣଙ୍କ ଶରାଘାତରେ ମୃତ୍ୟୁ ବରଣ କରିଛି। ମୃଗ ଭାବି ଦାନବର ମୃତ୍ୟୁ ପରବର୍ତ୍ତୀ କାଳରେ ସୂର୍ପଣଖାର ମାନସିକ ସ୍ତରରେ ପରିବର୍ତ୍ତନ ଆଣିଛି। ପୁତ୍ର ନିଧନ ପରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପଞ୍ଚବଟୀରେ ଏକାକୀ ଦେଖି ତାଙ୍କୁ ନିଧନ କରିବା ଲାଗି ଅସୁରୀ ରୂପ ପରିତ୍ୟାଗ କରି ଏକ ସୁନ୍ଦରୀ ନାରୀ ରୂପ ଧାରଣ କରିଛି। ତତପରେ ସତୀ ସୀତାଙ୍କ ନିକଟରେ ଏକ ସ୍ୱାମୀ ପରିତ୍ୟକ୍ତା ନାରୀ ହୃଦୟର ଅଶ୍ରୁଳଭରା ଦୁଃଖ କାହାଣୀ କହି ସୀତାଙ୍କ ମନରେ ସମବେଦନାର ଉଦ୍ରେକ କରାଇଛନ୍ତି। ଯାହାଫଳରେ ସୂର୍ପଣଖାକୁ ଗ୍ରହଣ କରିବା ଲାଗି ସତୀସୀତା ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଲକ୍ଷ୍ମଣ ସୀତାଙ୍କର ଏହି ନିର୍ଦ୍ଦେଶକୁ ମାନିନେଇନାହାନ୍ତି। ସୂର୍ପଣଖାର ଅସଲ ସ୍ୱରୂପ ସେ ଚିହ୍ନିପାରି ଏହା ଏକ ଅସୁରୀର ମାୟା ଭାବି ତାର ନାଶିକା ଓ କର୍ଣ୍ଣ ଛେଦନ କରିଛନ୍ତି।

ବାଲ୍ମିକୀ ତାଙ୍କ ରାମାୟଣରେ ସୂର୍ପଣଖା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ସୁଗ୍ରୀବ ରାବଣର ଭଗ୍ନ ସୂର୍ପଣଖା, ମାର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ଦେଖି କାମାତୁରା ହୋଇଛି। ରାମଚନ୍ଦ୍ରଙ୍କର ତପସ୍ୱୀ ବେଶର କାରଣ ସହିତ ସତୀ ସୀତାଙ୍କୁ ପରିତ୍ୟାଗ କରି ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରିଛି। କିନ୍ତୁ ରାମଚନ୍ଦ୍ର ତାକୁ ଗ୍ରହଣ ନକରି ଲକ୍ଷ୍ମଣଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାମଚନ୍ଦ୍ରଙ୍କ ଆଦେଶ ମୁତାବକ ରାକ୍ଷସୀ ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଅନ୍ତରର କଥା କହିବା ସଙ୍ଗେ ସଙ୍ଗେ ତାକୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଛି। ସୂର୍ପଣଖାର ଏ ପ୍ରସ୍ତାବକୁ ଗ୍ରହଣ କରିପାରିନାହାନ୍ତି ଲକ୍ଷ୍ମଣ। ସତୀ ସୀତାଙ୍କର କୁତ୍ସିତ ରୂପ ବର୍ଣ୍ଣନା ଶୁଣି ଲକ୍ଷ୍ମଣ ପରିହାସ କରି ସୂର୍ପଣଖାକୁ ରାମଚନ୍ଦ୍ରଙ୍କ ନିକଟକୁ ପଠାଇ ଦେଇଛନ୍ତି। ପୁନରାୟ ଗଭୀର ଆଶା ଓ ଅକାଙ୍କ୍ଷା ଭିତରେ ପ୍ରସ୍ତାବ ଦେଇଛନ୍ତି ରାମଚନ୍ଦ୍ରଙ୍କର କନିଷ୍ଠାପତ୍ନୀ ହୁଅ। ଲକ୍ଷ୍ମଣର ପରିହାସ ସୂର୍ପଣଖା ବୁଝିନପାରି ରାମଚନ୍ଦ୍ରଙ୍କ ସମ୍ମୁଖରେ ସତୀ ସୀତାଙ୍କୁ ଭକ୍ଷଣ କରିବାକୁ ଅଗ୍ରସର ହେବାରୁ ତତକ୍ଷଣାତ ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତାହାକୁ ବିରୂପ କରିଛନ୍ତି। ନାସା ଓ କର୍ଣ୍ଣ ହରାଇ ବର୍ଷାରତୁର ଘୋର ଗର୍ଜନ ପରି ଭୀଷଣ ଗର୍ଜନ କରି ବନ ମଧ୍ୟରେ ପ୍ରବେଶ କରିଛି ସୂର୍ପଣଖା।



# ରୁପା ଆଣିବ ପରିବର୍ତ୍ତନ

ମହିଳା ମାନଙ୍କ ଜୀବନରେ ସୁନା, ରୁପାର ଏକ ବିଶେଷ ମହତ୍ତ୍ୱ ରହିଥାଏ । ଦୁନିଆରେ କଦବା କୋଚିତ ମହିଳା ଏମିତି ଥିବେ ଯାହାଙ୍କୁ ସୁନା ରୁପାରେ ନିର୍ମିତ ଆଭୂଷଣ ଏତେଟା ପସନ୍ଦ ନଥିବ । ଏହି ଗହଣା ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବେଳେ ଜ୍ୟୋତିଷ ଶାସ୍ତ୍ରରେ ବି ଏହାକୁ ନେଇ ବିଶେଷ ମହତ୍ତ୍ୱ ରହିଛି। ତେବେ ଆସନ୍ତୁ ଜାଣିବା ରୁପା ଆପଣଙ୍କ ଜୀବନରେ କିପରି ପରିବର୍ତ୍ତନ ଆଣି ପାରିଥାଏ । ମାନ୍ୟତା ଅନୁଯାୟୀ, ଚାନ୍ଦିର ସୃଷ୍ଟି ଭଗବାନ ଶିବଙ୍କ ତୃତୀୟ ନେତ୍ରରୁ ହିଁ ହୋଇଥିଲା । ତେଣୁ ବିଶ୍ୱାସ କରାଯାଏ କି ରୁପା ଜୀବନରେ ସୁଖ ସମୃଦ୍ଧି ବଢ଼ିବାରେ ମଧ ସହାୟକ ହୋଇଥାଏ । ବାସ୍ତୁ ଅନୁଯାୟୀ ଯାହା ପାଖରେ ଚାନ୍ଦି ଥାଏ, ସେମାନଙ୍କ ଜୀବନରେ କୌଣସି ଧରଣର ଅଭାବ ରହିନଥାଏ । ବିଶେଷ ଭାବେ ଗୁରୁଜନ ମାନେ ଦେଇଥିବା ଚାନ୍ଦିର ଉପହାର ଭାଗ୍ୟ ପରିବର୍ତ୍ତନ କରିଦେଇପାରେ । ଚାନ୍ଦି ବା ରୁପାର ଅନେକ ସୁଗୁଣ ଥିଲେ ବି ଜ୍ୟୋତିଷଙ୍କ ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କ ପାଇଁ କିନ୍ତୁ ଏହା ଶୁଭପ୍ରଦ ହୋଇନଥାଏ । କନ୍ୟା, ଧନୁ, ମେଷ ରାଶିର ବ୍ୟକ୍ତିମାନେ ଚାନ୍ଦି ଧାରଣ କରିବା ଉଚିତ ନୁହେଁ । ନଚେତ୍ କୌଣସି ଶୁଭ କାର୍ଯ୍ୟରେ ଅଶୁଭ ଫଳ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ବି ଦେଖା ଦେଇପାରେ । ଏହି ତିନି ରାଶି ବ୍ୟତୀତ ଅନ୍ୟ ରାଶିର ବ୍ୟକ୍ତି ମାନେ ନିଦ୍ୱନ୍ଦ୍ୱରେ ରୂପା ଧାରଣ କରିପାରିବେ । ତେବେ ଆସନ୍ତୁ ଜାଣି ରଖିବା ରୁପା ପିନ୍ଧିଲେ କଣ କଣ ଲାଭ ମିଳିଥାଏ: – ଯେଉଁ ମାନଙ୍କ ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥାନ୍ତି, ସେମାନେ ନିଜ ହାତରେ ରୁପା ନିର୍ମିତ ମୁଦି ନିହାତି ପିନ୍ଧିବା ଦରକାର । ଯଦି ଚାହିଁବେ ତ ଏଥିରେ ଶୁଦ୍ଧ ମାତି ସହ ବି ହାତରେ ପିନ୍ଧିପାରିବେ । – ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯେଉଁମାନଙ୍କ ମନ ଅଧିକ ଅଶାନ୍ତ ରହୁଥାଏ, ସେମାନେ ରୁପା ମୁଦି ପିନ୍ଧିବା ଖୁବ ଭଲ । ନିୟମିତ ଭାବେ ପିନ୍ଧିଲେ ମନକୁ ଶାନ୍ତି ମିଳିଥାଏ । – ପିଲାମାନେ ଯାନବାହନ ଚଳାଉଥିଲେ ସେମାନଙ୍କୁ ନିଶ୍ଚିତ ରୂପେ ଏକ ମୁଦି ପ୍ରସ୍ତୁତ କରି ପିନ୍ଧାନ୍ତୁ । ଦୁର୍ଘଟଣା ଜନିତ ଡର ରହିବନି ।

# ହିନ୍ଦୁଧର୍ମରେ ଅବତାରବାଦ

**ବେଦରେ ଅବତାରବାଦର ମୌଳିକ ତଥା ପ୍ରାଚୀନତମ ଆଧାରରେ ଉପଲବ୍ଧ ରହିଛି। ବେଦ ଅନୁସାରେ ପ୍ରଜାପତି ଜୀବଜଗତର ସୁରକ୍ଷା ତଥା ସୃଷ୍ଟି କଲ୍ୟାଣ ପାଇଁ ବିଭିନ୍ନ ରୂପ ଧାରଣ କରିଥିଲେ। ଶୁକ୍ଳ ଯଜୁର୍ବେଦର ବ୍ରାହ୍ମଣ ଗ୍ରନ୍ଥ ଶତପଥ ବ୍ରାହ୍ମଣରେ ମତ୍ସ୍ୟଅବତାର ସଂପର୍କରେ ବର୍ଣ୍ଣନା କରାଯାଇଛି।**

ଅବତାରବାଦ ହିନ୍ଦୁ ଧର୍ମରେ ବିଶେଷ ମହତ୍ତ୍ୱ ବହନ କରିଥାଏ। ହିନ୍ଦୁ ପୁରାଣରେ ଅବତାରବାଦ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। 'ଅବତାର' ଅର୍ଥ ହେଉଛି ପୃଥିବୀରେ ଈଶ୍ୱରଙ୍କ ଜନ୍ମଲାଭ। ପୃଥିବୀର ଭିନ୍ନ ଭିନ୍ନ ଦେଶ ତଥା ଧର୍ମରେ ଅବତାରବାଦର ଧାର୍ମିକ ନିୟମକୁ ସମଆଦର ତଥା ଶ୍ରଦ୍ଧା ଦୃଷ୍ଟିରେ ଦେଖାଯାଏ। ପାରସୀ ଧର୍ମ ଏବଂ ସିଦ୍ଧାନ୍ତ ହିନ୍ଦୁତ୍ୱ ବିଶେଷତଃ ବୈଦିକ ଆର୍ଯ୍ୟ ସହ ସମାନ। କିନ୍ତୁ ଏହି ଧର୍ମରେ ଅବତାରର କଳ୍ପନା ଉପଲବ୍ଧି ହୋଇନାହିଁ। ହିନ୍ଦୁଧର୍ମରେ ଅବତାରବାଦକୁ ମହତ୍ତ୍ୱପୂର୍ଣ୍ଣ ଭାବେ ସ୍ୱୀକାର କରାଯାଏ। ଅତ୍ୟନ୍ତ ପ୍ରାଚୀନ କାଳରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏହି ଧର୍ମ ଆଧାରଭୁକ୍ତ ମୌଳିକ ସିଦ୍ଧାନ୍ତରେ ଅନ୍ୟତମ ଅଟେ। ଅବତାରର ଅର୍ଥ ହେଉଛି ଭଗବାନ ନିଜର ସ୍ୱାତନ୍ତ୍ର୍ୟ ଶକ୍ତିଦ୍ୱାରା ଭୌତିକ ଜଗତରେ ଆବିର୍ଭାବ ହେବା, ପ୍ରକଟ ହେବା। ବୈଷ୍ଣବ ଧର୍ମରେ ଅବତାରର ତଥ୍ୟ ବିଶେଷ ଭାବରେ ମହତ୍ତ୍ୱ ବହନ କରିଥିବା ସ୍ୱୀକାର କରାଯାଏ। ବୈଷ୍ଣବ ଧର୍ମ ଅନୁଯାୟୀ ନାନା ରୂପରେ ଭଗବାନଙ୍କ ଉପାସନା ନିଜର ରୁଚି ଅନୁସାର କରାଯାଇଥାଏ। ଶୈବମତରେ ଭଗବାନଙ୍କ ଶଙ୍କରଙ୍କ ବିଭିନ୍ନ ଲୀଳାର ବର୍ଣ୍ଣନା କରାଯାଇଛି। କିନ୍ତୁ ଭଗବାନ ଶଙ୍କର ତଥା ପାର୍ବତୀଙ୍କ ମୂଳ ରୂପର ଉପାସନା ସର୍ବତ୍ର ପ୍ରଚଳିତ। ବେଦରେ ଅବତାରବାଦର ମୌଳିକ ତତା ପ୍ରାଚୀନତମ ଆଧାରରେ ଉପଲବ୍ଧ ରହିଛି। ବେଦ ଅନୁସାରେ ପ୍ରଜାପତି ଜୀବଜଗତର ସୁରକ୍ଷା ତଥା ସୃଷ୍ଟି କଲ୍ୟାଣ ପାଇଁ ବିଭିନ୍ନ ରୂପ ଧାରଣ କରିଥିଲେ। ଶୁକ୍ଳ ଯଜୁର୍ବେଦର ବ୍ରାହ୍ମଣ ଗ୍ରନ୍ଥ ଶତପଥ ବ୍ରାହ୍ମଣରେ ମତ୍ସ୍ୟଅବତାର ସଂପର୍କରେ ବର୍ଣ୍ଣନା କରାଯାଇଛି। କୂର୍ମ ଅବତାର ସଂପର୍କରେ ଶତପଥ ବ୍ରାହ୍ମର ତଥା ଜୈମିନୀୟ ବ୍ରାହ୍ମଣ, ବରାହ ଅବତାର ତୈତିରିୟ ସଂହିତା ତଥା ଶତପଥ ବ୍ରାହ୍ମଣ ଏବଂ ନୃସିଂହ ଅବତାର ସଂପର୍କରେ ତୈତିରିୟ ସଂହିତାରେ ଉଲ୍ଲେଖ ରହିଛି ।



# ମନ୍ତ୍ର ଜପରେ ସକାରାତ୍ମକ ଶକ୍ତି ମିଳେ

ଧାର୍ମିକ ମାନ୍ୟତା ଅନୁଯାୟୀ, ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ଜୀବନରେ ସକରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ। ଦୁଃଖକଷ୍ଟ ଦୂର ହୋଇ, ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଦେବୀଦେବତାଙ୍କ ଶକ୍ତି ମନ୍ତ୍ରରେ ସମାହିତ ହୋଇ ରହିଥାଏ ବୋଲି କୁହାଯାଏ। ଜାଣନ୍ତୁ ସେଭଳି କେତେକ ମନ୍ତ୍ର...

୧- ସମସ୍ତ ସଙ୍କଟରୁ ମୁକ୍ତି ପାଇବା ପାଇଁ ହନୁମାନଙ୍କ ପୂଜା ଓ ମନ୍ତ୍ର ଖୁବ ସହାୟକ ହୋଇଥାଏ। ଆପଣ ଜୀବନରେ ଯଦି ସମସ୍ୟା , କାର୍ଯ୍ୟରେ ବାଧା ଲାଗି ରହୁଛି ତେବେ ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ 'ଓଁ ହନୁମନ୍ତେ ନମଃ' ମନ୍ତ୍ର ଜପ କରନ୍ତୁ। ୨ – ଧାର୍ମିକ ମାନ୍ୟତା ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରଭୁ ଶିବଶଙ୍କର ମନ୍ତ୍ର ଜପ କରିବା ବେଶ ଲାଭଦାୟକ। ନିୟମିତ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ। ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ୍ୟ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ୍ୟ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ। ୩ – ବହୁ ସମସ୍ୟାରେ ଏପରି ହୋଇଥାଏ ବ୍ୟକ୍ତିଙ୍କୁ ବିଶ୍ୱାସଘାତକତା ଓ କାର୍ଯ୍ୟରେ ବାରମ୍ବାର ଅସଫଳତା ମିଳିଥାଏ। ଏହି ସମସ୍ତ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ନିୟମିତ ଗାୟତ୍ରୀ ମନ୍ତ୍ରର ଜପ କରନ୍ତୁ। ବିଭିନ୍ନ ଶାସ୍ତ୍ରରେ ମଧ ଏହି ମନ୍ତ୍ରର ଲାଭଦାୟକ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି।

୪ – ବିଭିନ୍ନ ପ୍ରକାର ଗ୍ରହ ଦୋଷରୁ ମୁକ୍ତି ପାଇବାକୁ ଧନସମ୍ପତ୍ତି, ବୈଭବ ଆଦି ପୂରଣ ପାଇଁ ନିୟମିତ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଜପ କରନ୍ତୁ।



# ଆତ୍ମଜ୍ଞାନର ଅଭାବ ଅଜ୍ଞାନ



ବିଭ୍ରାନ୍ତ ହୋଇ ମଣିଷ ଆତ୍ମଜ୍ଞାନ ବିହୀନ ଅଜ୍ଞାନ ଅନ୍ଧକାରରେ ବାତୁଳ ପ୍ରାୟ ଘୂରି ବୁଲେ, ତ୍ରିଗୁଣଜାତ ବହୁରୂପୀ ସଂସାରର ମାୟାରେ ଉତ୍‌କ୍ରାନ୍ତ ହୁଏ।

ଯେଉଁ ସାଧକ ଥରେ ଆତ୍ମଜ୍ଞାନର ଅମୃତ ଚାଖିଛି, ତାପରେ ଇନ୍ଦ୍ରିୟପ୍ରଧାନ ଜଗତ ତାକୁ ଆଦୌ ଭଲ ଲାଗିବ ନାହିଁ। ପରଦାରେ ଚିତ୍ରିତ ଚନ୍ଦ୍ରଯାହାର ଅବକାଶ ମେଣ୍ଟାଏ, ସେ କଦାପି ପ୍ରକୃତ ଚନ୍ଦ୍ର କ'ଣ ଜାଣିପାରିବ ନାହିଁ। ସେହିପରି ପ୍ରକୃତିର ଆକର୍ଷଣରେ ଅନ୍ୟପକ୍ଷରେ ବିଜ୍ଞଲୋକ ଚକଚକିଆ ମିଥ୍ୟା ପରିହାର କରି ଆତ୍ମାନନ୍ଦରେ ମଗ୍ନ ହୁଏ ଓ ସେଥିରୁ ଆତ୍ମାର ପ୍ରଶାନ୍ତି ଲାଭ କରେ। ତେଣୁ ଦୃଶ୍ୟକୁ ନିତ୍ୟ ବା ସତ୍ୟ ବୋଲି ଗ୍ରହଣ କରିବାର ଭୁଲ୍ କରନାହିଁ। ଅବିଭାଜ୍ୟ ଆତ୍ମାନନ୍ଦର ମହାସାଗରରେ ନିମଜ୍ଜନ ବ୍ୟତିତ ଅନ୍ୟ କେଉଁଠି ତୁମେ ସ୍ଥାୟୀ ଆନନ୍ଦ ପାଇବ ନାହିଁ। ପରଂବ୍ରହ୍ମଙ୍କର ସାଥର୍କ ଓ ମଧୁର ଅନୁଭୂତିରେ ହିଁ ତୁମେ ପ୍ରକୃତ ଓ ପୂର୍ଣ୍ଣ ସନ୍ତୋଷ ପାଇପାରିବେ। କେବଳ ବ୍ରହ୍ମାନୁଭୂତି ହିଁ ତୁମକୁ ଜନ୍ମମୃତ୍ୟୁର ଆବର୍ତ୍ତରୁ ମୁକ୍ତି ଦେଇପାରିବ।

# ରାବଣକୁ ମୁନିଋଷିଙ୍କ

## ରୁଧିରଭାଣ୍ଡ ପ୍ରଦାନ



ନଳକୁବେରଙ୍କଠାରୁ ଅଭିଶାପ ପାଇ ଲଙ୍କାର ରାଜା ରାବଣ ମୁନିଋଷିଙ୍କ ଉପରେ ନିଜର କ୍ରୋଧ ବ୍ୟକ୍ତ କଲା। ରାବଣ ମନେ ମନେ ଚିନ୍ତା କଲା ଜଙ୍ଗଲ ମଧ୍ୟରେ ଯେଉଁ ମୁନିଋଷି ଅଛନ୍ତି, ମୋତେ ତ କେହି କିଛି ଦେଉନାହାନ୍ତି। ବର କିମ୍ବା ଆଶୀର୍ବାଦ ଦେବାକୁ ମଧ୍ୟ କୁଣ୍ଠିତ ହେଉଛନ୍ତି। ସେମାନେ ଜଙ୍ଗଲ ମଧ୍ୟରେ ଆଶ୍ରମ କରି ବନ ମଧ୍ୟରେ ଉପବନ କରି ଖୁବ୍ ସୁଖଶାନ୍ତିରେ କାଳ କାଟୁଛନ୍ତି। ଯାଉଛି ଦୂତମାନଙ୍କୁ ପଠାଇ କିଛି କର କିମ୍ବା ଆଶୀର୍ବାଦ ଆଣିବି। ଏ[redacted] ବିଚାରି ସେ ଚାରିଜଣ ଦୂତଙ୍କୁ ପଠାଇଲା। ରାବ[redacted] ଦୂତମାନଙ୍କୁ କହିଲା, ହେ ଦୂତଗଣ! ତୁମ୍ଭେମାନେ ଯାଇ ମୁନିଋଷିମାନଙ୍କ ଆଶ୍ରମରେ ପ୍ରବେଶ କରି କହିବ ଲଙ୍କାଗଡ଼ର ନରପତି ତୁମ୍ଭମାନଙ୍କ ପାଖରୁ କର ନେବାପାଇଁ ପଠାଇଛନ୍ତି। ଦୂତମାନେ ସେହିପରି ଭାବରେ ଯାଇ ମୁନିଋଷିମାନଙ୍କୁ କହିବାରୁ ଏହାଶୁଣି ମୁନିଋଷିଙ୍କର ହୃତ୍‌କମ୍ପ ଜାତ ହେଲା। ତେବେ ଋଷିମାନେ ଦୂତମାନଙ୍କୁ ଲଙ୍କାଗଡ଼ କୁଶଳ [redacted]ସମାଚାର ପଚାରିଲେ। [redacted]ମାନେ କହିଲେ, ହେ [redacted] ସର୍ବଶୁଭ । ଆପଣମାନେ [redacted]ମାନେ ବାହୁଡ଼ିଯିବୁ। [redacted]ହୃଦୟ ଭିତରେ ଭୟଭୀତ ହେଉଥିଲେ ମଧ୍ୟ ସାହସ ସଂଚୟ କରି ଏକତ୍ର ହୋଇ ସମସ୍ତ ବିଚାର କରିବାକୁ ଲାଗିଲେ। ଏହି ପାପୀ ଦଶାନନ ଖୁବ୍ ଉଦ୍ଧତ ହେଲାଣି। ଏହାକୁ କଣ ଦେଲେ ଉପଯୁକ୍ତ ଶିକ୍ଷା ପାଇବ । ଯେଉଁ ରାଜାର କୌଣସି ମର୍ଯ୍ୟାଦା ଜ୍ଞାନ ନାହିଁ। ଏତେ ନୀତିଶାସ୍ତ୍ର ଶିକ୍ଷା କରି ମଧ୍ୟ କୌଣସି ହିତାହିତ ଜ୍ଞାନ ବିଚାର କରୁନାହିଁ। ନିଜର ପାରିଷଦ ଗଣଙ୍କୁ ଏ ଖଳ ତୋଷାମଦ କରି ରଖିଛି। ଆମ୍ଭେମାନେ କିଛି ନ ଦେଲେ ସୁନ୍ଦର ହେବ ନାହିଁ। ଏହିପରି ବିଚାର କରି ସେମାନେ ନିଜ ନିଜର ବକ୍ଷଚିରି କିଛି କିଛି ରୁଧିର ବାହାର କରି ଗୋଟିଏ ମୃତ୍ତିକା ହାଣ୍ଡିରେ ପୂର୍ଣ୍ଣ କରି ସେ ଭାଣ୍ଡର ମୁଖକୁ ଉତ୍ତମ ରୂପେ ବନ୍ଦ କରି ଦୂତ ହସ୍ତରେ ପ୍ରଦାନ କରି କହିଲେ, ତୁମ୍ଭର ରାଜାଙ୍କୁ ଏହା ଦେଇଦେବ ଏବଂ କହିବ ଋଷିମାନେ ଏହି ଭାଣ୍ଡ ମଧ୍ୟରେ କର ଦେଇଛନ୍ତି। ତୁମ୍ଭେମାନେ ଯେବେ ଏହି ପାତ୍ରକୁ ପଥ ମଧ୍ୟରେ ନଷ୍ଟ କରିଦେବ, ତେବେ ତୁମ୍ଭମାନଙ୍କର ବଂଶ ସମୂଳେ ନଷ୍ଟ ହେବ। ଋଷିମାନଙ୍କର ବାକ୍ୟ ଶ୍ରବଣ କରି ଦୂତମାନେ ଭୟଭୀତ ହେଲେ, କିନ୍ତୁ ଅନ୍ୟ ଉପାୟ ନ ପାଇ ଯତ୍ନରେ ସେହି ମାଟି ହାଣ୍ଡିକୁ ନେଇ ରାବଣକୁ ପ୍ରଦାନ କଲେ। ରାବଣ ଋଷିମାନେ କଣ କର ଦେଇଛନ୍ତି ବୋଲି ଦେଖିବାକୁ ଉତ୍ସୁକ ହେବାରୁ ଦୂତମାନେ ଋଷିମାନଙ୍କ କଥା କହିଲେ। ରାବଣ ଜାଣିଲା ଯେ, ଏହା ଋଷି ମାନଙ୍କର ଅଭିଶପ୍ତ ଭାଣ୍ଡ। ଏହାକୁ ନିଜ ଦେଶରେ ରଖିବା ଉଚିତ୍ ନୁହେଁ। ଏହାକୁ କୌଣସି ଦୂର ଦେଶରେ ନେଇ ପୋତି ଦେବାକୁ ହେବ। ରାବଣ ହୃଦୟ କ୍ରୋଧରେ ଜଳିଯିବାକୁ ଲାଗିଲା। ଥରେ ରାବଣ ପ୍ରଭୁ ଶିବଶଙ୍କରଙ୍କର ସଭାସ୍ଥଳରେ ଜନକ ଋଷି ନିକଟରେ ସଂସ୍କୃତ ବାକ୍ୟରେ ହାରି ଯାଇଥିଲା। ତଦ୍ୱାରା ସେ ଲଜ୍ଜିତ ହୋଇଥିଲା। ତେଣୁ ସ୍ଥିରକଲା, ଏହି ଅଭିସମ୍ପାତ ପାତ୍ରକୁ ନେଇ ବିଦେହ ନଗର ମିଥିଳା ରାଜ୍ୟରେ ପୋତିଦେବାକୁ ହେବ। ତେଣୁ ସ୍ଥିର କଲା, ଏହି ଅଭିସମ୍ପାତ ପାତ୍ରକୁ ନେଇ ବିଦେହ ନଗର ମିଥିଳା ରାଜ୍ୟରେ ପୋତିଦେବାକୁ ହେବ। ରାବଣ ଏହିପରି ଭାବି ଦୂତକୁ କହିଲା, ଏହି ହାଣ୍ଡିକୁ ନେଇ ଉତ୍ତର ଦିଗକୁ ଯାଅ। ବିଦେହ ନଗର, ମିଥିଳା ରାଜ୍ୟରେ ଯେଉଁପରି କେହି ଜାଣି ନ ପାରିବେ, ସେହିପରି କୌଣସି ପ୍ରାନ୍ତର ମଧ୍ୟରେ ଏହାକୁ ଯତ୍ନରେ ପୋତି ଦେଇ ଆସିବ। ରାବଣ ମନରେ ଭାବିଥିଲା, ଏହି ଅଭିସମ୍ପାତ ହାଣ୍ଡି ଯେଉଁ ସ୍ଥାନରେ ରହିବ ସେହି ସ୍ଥାନରେ ଯେଉଁ ରାଜା ଥିବେ ତାଙ୍କର କ୍ଷତିକାରକ ହେବ। କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର। ଏହି ଋଷିଙ୍କର ରୁଧିରଭାଣ୍ଡ ବିଷୟରେ ଆଉଏକ ରାମାୟଣରେ ଏହି ପ୍ରକାର ଅଛି ଯେ, ସେହି ଭାଣ୍ଡକୁ ରାବଣ ନିଜେ ନେଇ ମନ୍ଦୋଦରୀକୁ ଦେଇଥିଲା ଏବଂ କହିଥିଲା, ହେ ପାଟରାଣୀ! ଏହି ହାଣ୍ଡିକୁ ଯତ୍ନରେ ରଖ। ମନ୍ଦୋଦରୀ ଏଥିରେ କ'ଣ ଅଛି ଜିଜ୍ଞାସ କରିବାରୁ ରାବଣ କହିଥିଲା, ଏହା ମଧ୍ୟରେ ହଳାହଳ ବିଷ ଅଛି। ଭୁଲ୍‌ରେ ଖୋଲିବ ନାହିଁ। ଏହା ବଂଶ ନାଶ କରିବ। ଦିନେ କୌଣସି କାରଣ ବଶତଃ ମୃତ୍ୟୁ ବରଣ କରିବା ପାଇଁ ରାଣୀ ମନ୍ଦୋଦରୀ ସେହି ଭାଣ୍ଡ ଖୋଲି ହାଣ୍ଡିରେ ଥିବା ରୁଧିରପାନ କଲେ । କିନ୍ତୁ ମୃତ୍ୟୁବରଣକରିବା ପୂର୍ବରୁ ଏକ କନ୍ୟା ସନ୍ତାନର ଜନନୀ ହେଲା।



# ମାତିଛନ୍ତି ମାଫିଆ ଲୁଟୁଛନ୍ତି ଲଘୁ ଖଣିଜ

## କେନ୍ଦୁଝରରେ ସୁରକ୍ଷା ଭିତ୍ତିଭୂମି ଶୂନ, ୧୯୨ କନିଷ୍ଠ ଖଣି ଅଧିକାରୀଙ୍କୁ ମିଳୁନି ନିଯୁକ୍ତି

କେନ୍ଦୁଝର,୪/୩: ଲଘୁ ଖଣିଜରୁ ପର୍ଯ୍ୟାପ୍ତ ରାଜସ୍ୱ ଆଦାୟ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ। ଏଥିପାଇଁ ଏହାର ପରିଚାଳନା ଦାୟିତ୍ୱ ରାଜସ୍ୱ ବିଭାଗ ହାତରୁ ନେଇ ଖଣି ବିଭାଗକୁ ଦେଇଥିଲେ। ହେଲେ ଖଣି ବିଭାଗରେ କର୍ମଚାରୀ ସଂକଟ ଯୋଗୁଁ ରାଜସ୍ୱ ବଢ଼ିବା ପରିବର୍ତ୍ତେ କମି ଚାଲିଛି। କେନ୍ଦୁଝର ଜିଲ୍ଲାରେ ଲଘୁ ଖଣିଜ ଉତ୍ସରୁ ୭୮ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଏ ବର୍ଷ ଡିସେମ୍ବର ସୁଦ୍ଧା ମାତ୍ର ୯ କୋଟି ଟଙ୍କା ଆଦାୟ କରାଯାଇଛି। ଲଘୁ ଖଣିଜ ସମ୍ପଦର ସିଂହଭାଗ ଚୋରାରେ ଚାଲିଯାଉଛି। ଯିଏ ଯେଉଁଠୁ ପାରୁଛି ବାଲି, ଗୋଡ଼ି, ପଥର, ମୋରମ୍ ପ୍ରଭୃତି କୋରି ନେଉଛନ୍ତି। ନଦୀକୂଳିଆ ଗାଁରେ ବାଲିଘାଟ ଚାଲୁଛି। ମାଫିଆଙ୍କ ଆକ୍ରମଣ ଭୟରେ ଚଢ଼ଉ କରିବାକୁ ସ୍କ୍ୱାଡ୍ ଡରୁଛନ୍ତି। ଖଣି ବିଭାଗରେ ଭିତ୍ତିଭୂମିର ଅଭାବ ଓ କର୍ମଚାରୀ ସଙ୍କଟ ଯୋଗୁଁ ଏହା ଏବେ ଅଣାୟତ୍ତ ହୋଇଛି। ଅନ୍ୟପକ୍ଷରେ ମନୋନୀତ ହୋଇଥିବା ୧୯୨ଜଣ କନିଷ୍ଠ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳୁନି। ବିନା ଅଧିକାରୀରେ କାର୍ଯ୍ୟାଳୟ ଚଳାଇ ସରକାର ଲଘୁ ଖଣିଜ ସୁରକ୍ଷା କଥା ଚିନ୍ତା କରୁଛନ୍ତି। ୨୦୨୪ ଡିସେମ୍ବର ୧ରେ କେନ୍ଦୁଝର ଜିଲ୍ଲାର ଜଣେ କନିଷ୍ଠ ଖଣି ଅଧିକାରୀ ଓ କର୍ମଚାରୀଙ୍କୁ ବାଲି ମାଫିଆ ସଂଘବଦ୍ଧ ଆକ୍ରମଣ କରିଥିଲେ। ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ଲଘୁ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ଓ ତହସିଲସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍କ୍ୱାଡ୍ ଗଠନ କରାଯିବା ସହ ଏଥିରେ ୮ଜଣ ପୁଲିସ କନେଷ୍ଟବଳଙ୍କୁ ସାମିଲ କରାଯାଇଥିଲା। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ଯୋଗୁଁ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ହଠାତ୍ ପୁଲିସ କନେଷ୍ଟବଳଙ୍କୁ ଅପସାରଣ କରାଯିବା ପରେ ସ୍କ୍ୱାଡ୍‌ରେ ଥିବା କର୍ମଚାରୀ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ଚଢ଼ଉ କରିବାକୁ ଡରୁଥିବାରୁ ମାଫିଆମାନେ ଭୟଶୂନ୍ୟ ହୋଇଯାଇଛନ୍ତି। ବେଧଡ଼କ ବାଲି, ମୋରମ, ମାଟି ଓ ପଥର ଚୋରି କରୁଛନ୍ତି।



ଦିନକୁ ୨୦ ଲକ୍ଷରୁ ଅଧିକ ଟଙ୍କାର ଲଘୁ ଖଣିଜ ସମ୍ପଦ ଚୋରି ହେଉଛି। ଚୋରି ବଢୁଥିବାରୁ ଏହାର ସିଧାସଳଖ ପ୍ରଭାବ ରାଜସ୍ୱ ଆଦାୟ ଉପରେ ପଡୁଛି। ଲଘୁ ଖଣିଜରୁ ରାଜସ୍ୱ ଆଦାୟ କ୍ରମାଗତ ଭାବେ ହ୍ରାସ ପାଉଛି। ରାଜସ୍ୱ ବିଭାଗ ଅଧୀନରେ ଲଘୁ ଖଣିଜ ପରିଚାଳନା ଦାୟିତ୍ୱ ଥିବା ସମୟରେ କେନ୍ଦୁଝର ଜିଲ୍ଲାରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୩୧ କୋଟି ୩୮ ଲକ୍ଷ ୮୪ ହଜାର ୨୧୧ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ୨୦୨୦-୨୧ରେ ଏହା ବୃଦ୍ଧି ପାଇ ୪୧ କୋଟି ୪୪ ଲକ୍ଷ ୬୧ ହଜାର ୮୩୯ ଟଙ୍କା, ୨୦୨୧-୨୨ରେ ୬୭ କୋଟି ୪ ଲକ୍ଷ ୯୧ ହଜାର ୬୭୧ ଟଙ୍କା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୭୭ କୋଟି ୭୨ ଲକ୍ଷ ୨୦ ହଜାର ୯୮୪ ଟଙ୍କା ଆଦାୟ ହୋଇଥିଲା। ୨୦୨୩-୨୪ରେ ରାଜସ୍ୱ ବିଭାଗ ହାତରୁ ଲଘୁ ଖଣିଜ ପରିଚାଳନା ଦାୟିତ୍ୱ ଖଣି ଓ ଇସ୍ପାତ ବିଭାଗକୁ ଯାଇଥିଲା। ଏହାପରଠାରୁ କ୍ରମାଗତ ଭାବେ ରାଜସ୍ୱ ଆଦାୟ ହ୍ରାସ ପାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୩୪ କୋଟି ୩୯ ଲକ୍ଷ ୨ ହଜାର ୯୬୯ ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ସୁଦ୍ଧା ମାତ୍ର ୯ କୋଟି ୧୨ ଲକ୍ଷ ୪୯ ହଜାର ୯୪୯ଟଙ୍କା ଆଦାୟ ହୋଇଛି। ସୂଚନାଯୋଗ୍ୟ, ଲଘୁ ଖଣିଜ ବିଭାଗରେ କର୍ମଚାରୀ ସଂକଟ ଦୂର କରିବା ପାଇଁ ରାଜ୍ୟ ସରକାର ନୂଆ ନିଯୁକ୍ତି ପାଇଁ ବ୍ୟବସ୍ଥା କରିଥିଲେ। ୧୯୨ଜଣ କନିଷ୍ଠ ଖଣି ଅଧିକାରୀଙ୍କୁ ମନୋନୀତ କଲେ। ହେଲେ ୮ ମାସରୁ ଅଧିକ ହେବ ସେମାନଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଲଘୁ ଖଣିଜ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଅଭାବ ଥିବା ବେଳେ ଲଘୁ ଖଣିଜ ବିଭାଗ ଖଣି ବିଭାଗ ଅଧୀନରେ ରହିବ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଫଳରେ ଲଘୁ ଖଣିଜ ରାଜସ୍ୱ ସଂଗ୍ରହ ଠିକଣା ଢଙ୍ଗରେ ହୋଇପାରୁନି।

## ପୂର୍ବତନ ଅଧକ୍ଷାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ନିମାପଡା ୪/୩ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷା ଶାନ୍ତିଲତା ସେନାପତିଙ୍କ ଅକାଳ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ମର ଶରୀରକୁ ମହାବିଦ୍ୟାଳୟ ପରିସରରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା କ୍ଷ ଏହି ଅବସରରେ ପୂର୍ବତନ ପରିଚାଳନା କମିଟି ସଭାପତି ଡକ୍ଟର ସନ୍ତୋଷ ମିତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜକିଶୋର ନାୟକ, ପ୍ରାକ୍ତନ ଅଧକ୍ଷ ଗୋପୀନାଥ କର, ସମାଜସେବୀ ସନାତନ ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧୀର ଭୁଆଁ, ଛବିଲତା ଦେଇ, ବରିଷ୍ଠ ନାଗରିକ କାହ୍ନୁ ବେହେରା ପ୍ରମୁଖ ଉପସ୍ଥିତ ରହି ଶବାଧାରାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କର ଅକାଳ ବିୟୋଗ ମହାବିଦ୍ୟାଳୟ ପାଇଁ ଏକ ଅପୂରଣୀୟ କ୍ଷତି, ଏଭଳି ଏକ ଶୂନ୍ୟସ୍ଥାନ ଯାହା କେବେ ପୂରଣ ହେଇପାରିବ ନାହିଁ ବୋଲି ଅଧକ୍ଷା ପ୍ରକାଶ କରିଛନ୍ତି।

## ବାଲୁଙ୍କେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ନିଶ୍ଚିନ୍ତକୋଇଲି ୪/୩ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଂଚାୟତ ବରପଡାଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ରଙ୍କ ବିଜେସ୍ଥଳୀରେ ୫ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଊନଂତ୍ରିଶତମ ସାମ୍ବତ୍ସରିକ ନାମ ଯଜ୍ଞ ଅନୁଷ୍ଠିତ ହେଉଛି। ତା. ୨.୩.୨୦୨୫ ରିଖଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ ଅନୁଷ୍ଠାନ ତା. ୬.୩୨୦୨୫ ରିଖରେ ସଂପନ୍ନ ହେବ । ଏହି ଅବସରରେ ଶନିବାର ଦିନ ଅଙ୍କୁରାରୋପଣ ହୋଇଥିଲା ବେଳେ ରବିବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରୁ ବାବା ତପନ କୁମାର ଦାସଙ୍କ ତତ୍ତ୍ୱାବଧାନାରେ ଏକ ସୁସଜ୍ଜିତବିମାନରେ ଆଜ୍ଞାମାଳକୁ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଦୈନନ୍ଦିନ ସଂପୂର୍ଣ୍ଣ ରୀତି ନିତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଛି। ପ୍ରତି ଦିନ ସଂଧ୍ୟାରେ ଓଡିଶାର କ୍ଷାତନାମା କଳାକାରମାନଙ୍କ ଦ୍ୱାରା ଭଜନ ସଂଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ବେଳେ ବିଶିଷ୍ଟ ପ୍ରବାଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମାଯଜ୍ଞରେ ବିଭିନ୍ନ ପୀଠର ମହନ୍ତ ମହାରାଜଙ୍କ ସହ ବହୁ ସାଧୁସନ୍ଥମାନେ ଯୋଗଦେଇଥିଲା ବେଳେ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ସୂଚନା ଓ ଗବେଷଣା କେନ୍ଦ୍ର ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାଇଁ ଅବଦାନ ପାଇଁ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା । ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ସୂଚନା ଓ ଗବେଷଣା କେନ୍ଦ୍ର ଅଧକ୍ଷ ଅରକ୍ଷିତ ଓଝାଙ୍କ ଉପସ୍ଥିତିରେ ହରିପ୍ରସାଦ ମିଶ୍ର, ଅକ୍ଷୟ କୁମାର ପଣ୍ଡା, ଦେବପ୍ରସାଦ ସାହୁ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ସମ୍ମାନନୀୟ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ନାରାୟଣ ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ ଏଚ ଏଆର ପିଡି ଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ଆଠମଲ୍ଲିକ ୪/୩ (ନି.ପ୍ର): ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ବଇଣ୍ଡା ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଗ୍ରାମ ସଭାପତି ରାଜକୁମାର ଅଗ୍ରୱାଲ ଉପ ସଭାପତି ଅରବିନ୍ଦ ସାହୁ ପୁର୍ବତନ ସରପଞ୍ଚ ଜଳଧଳ ସାହୁ ଙ୍କ ସହ କିଛି ନାଗରିକ ସମ୍ବଲପୁର ଏନ୍ ଏଚ ଏ ଆ ର୍ ପିଡି ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।ଦାବିପତ୍ର ରେ ଉଲ୍ଲେଖ ଅଛି ଯେ କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ନିମ୍ନ ମାନର ହେଉଥିବା ଫ୍ଲାଇଓଭର ବ୍ରିଜ ନିର୍ମାଣ ନିମ୍ନ ମାନର କାର୍ଯ୍ୟ ହେଉଥିବାରୁ ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଫାଟି ଗଲାଣି ।ବଇଣ୍ଡା ଚନ୍ଦନ ପୋଖରୀ କାନ୍ଥ ଅଧା କାମସରିଥିବା ବେଳେ ଆଉ ଅଧା କାମ ହୋଇ ପାରୁନାହିଁ ।ସେହିପରି ଜାତୀୟ ରାଜପଥ ନିର୍ମାଣ ହେଉଥିବା ସର୍ଭିସ ରାସ୍ତାଗୁଡିକ ଶୋଚନୀୟ ହୋଇପଡିଛି ।ରାସ୍ତାରେ ବହୁ ଖାଲ ଥିଲେ ମଧ୍ୟ ବିଭାଗ ତରଫରୁ କଂକ୍ରିଟ କରାଯାଉନାହିଁ ।ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜଳ ଆଲୋକ ବ୍ୟବସ୍ଥା କରିବା ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି ।ଖୁବଶିଘ୍ର ଦାବିଗୁଡିକୁ ପୁରଣ କରାନଗଲେ ଭବିଷ୍ୟତ ରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନ

ବରଗଡ଼ ୪/୩ (ନି.ପ୍ର): ଜନ ଅଭିଯୋଗ ଶୁଣାଣି ଶିବିର ସରିବା ପରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଚଣ୍ଡୀଭଟାର କଳା ଚାଉଳ ଧାନ କ୍ଷେତ ଏବଂ କଳା ଚାଉଳ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ ।ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନ,ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା,ଗୋଷ୍ଠୀ କୃଷି ଅଧିକାରୀ ନୀତା ସାବର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସତ୍ୟ କୁମ୍ଭାର ମଧ୍ୟ ଉପସ୍ଥିତ ଥିଲେ ।ଚଣ୍ଡୀଭଟା ଅର୍ଗାନିକ୍ ଲାଇଫ୍ ଫାର୍ମିଂ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ପୁଷ୍ପା ବିଶ୍ୱାଳ, କୁଳମଣି ପ୍ରଧାନ ଏବଂ ଜ୍ୟୋତି ସେଠ ସେଠାରେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଥିବା ବାୟୋମେଟ୍ରିକ ମେସିନ କାର୍ଯ୍ୟ କରୁନାହିଁ ନା ଜାଣି ଶୁଣି ତାକୁ ଅକାମୀ କରାଯାଇଛି

ନିଶ୍ଚିନ୍ତକୋଇଲି ୪/୩ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ଆସିବା ଯିବା ସମୟକୁ ନିର୍ଦ୍ଧାରଣ କରିବା ନିମନ୍ତେ ଏକ ବାୟୋମେଟ୍ରିକ ମେସିନ ଲଗାଯାଇଥିଲା । ତାହା ଏବେ କାର୍ଯ୍ୟକ୍ଷମ ନଥିବା ବିଶେଷସୂତ୍ରରୁ ଜଣାପଡିଛି । ଏଠାରେ ପ୍ରଶ୍ନ ଉଠେ କି ଉକ୍ତ ମେସିନର କିଛି ଯାନ୍ତ୍ରିକ ତ୍ରୁଟି ହୋଇଛି ନା ଜାଣିଶୁଣି ଏହାକୁ ଅକାମୀ କରିଦିଆଯାଇଛି । ମନମୁଖୀ ଭାବରେ ମଣ୍ଡଳ ଶିକ୍ଷାଧିକାରୀ ଅଫିସକୁ ଆସୁଥିଲା ବେଳେ କର୍ମଚାରୀମାନେ ମଧ୍ୟ ଏହାର ସୁଯୋଗ ନେଉଛନ୍ତି । କାହାସ୍ୱାର୍ଥରେ ଏହା ଲଗାଯାଇଥିଲା ଓ କାହିଁକି ଏହାକୁ ଅକାମୀ କରାଗଲା ତାହା ତଦନ୍ତ ସାପେକ୍ଷ । ଏଠାରେ ସୂଚନାଯୋଗ୍ୟ କି ନୂତନ ଭାବେ ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ଯୋଗଦେବା ପରେ ଅଧିକାରୀଙ୍କୁ ଦେଖା କରିବାକୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଅଭିଭାବକ ଏପରିକି ଗଣମାଧ୍ୟମର ପ୍ରତିନିଧିମାନେ କାର୍ଯ୍ୟାଳୟକୁ ଯାଇ ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ଦେଖା କରିବାକୁ ହେଲେ ଏକ ରେଜିଷ୍ଟରରେ ଦେଖା କରିବାକୁ ଯାଉଥିବା ବ୍ୟକ୍ତି ତାଙ୍କର ସଂପୂର୍ଣ୍ଣ ନାମ ଠିକଣା ଓ କାହାକୁ ଦେଖା କରିବେ ଏବଂ କ'ଣ ପାଇଁ ଦେଖା କରିବେ ତାହାର ସବିଶେଷ ବିବରଣୀ ଲିପିବଦ୍ଧ କଲା ପରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଦେଖା କରିବା ପାଇଁ ସୁଯୋଗ ମିଳିବ ବୋଲି ଏକ ଅଭିନବ ପନ୍ଥା ଗ୍ରହଣ କରିଛନ୍ତି । ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲା ବେଳେ କାର୍ଯ୍ୟାଳୟରେ ଲଗାଯାଇଥିବା ବାୟୋମେଟ୍ରିକ ମେସିନ ଅକାମୀ ହେବା ଓ ଅଧିକାରୀ କର୍ମଚାରୀମାନଙ୍କ ପାଇଁ ଆସିବା ଯିବା ସମୟ ସଂପର୍କରେ ନୂତନ ମଣ୍ଡଳ ଶିକ୍ଷାଧିକାରିଣୀ କି ପଦକ୍ଷେପ ନେଇଛନ୍ତି ତାହା ଜଣାପଡି ନାହିଁ । ସାଧାରଣ ବ୍ୟକ୍ତିଙ୍କ ପାଇଁ ଗୋଟିଏ ନିୟମ ଓ ଅଧିକାରୀଙ୍କ ପାଇଁ ଅଲଗା ନିୟମ କି ? କାର୍ଯ୍ୟାଳୟ ଭିତରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ପ୍ରତ୍ୟେକ୍ଷ ସହାୟତାରେ ଚାଲୁଥିବା ଶୁଣିବାକୁ ମିଳୁଛି । କଟକ ଜିଲ୍ଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରାଭିଭାବକ, ସ୍ଥାନୀୟ ଜନସାଧାରଣ ଓ ଶିକ୍ଷାବିତ୍ ମହଲରେ ଦାବି ହେଉଛି ।



## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ବରଗଡ଼ ୪/୩ (ନି.ପ୍ର):ବରଗଡ଼ ଜିଲ୍ଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ କୁଣାଲ ମୋତି ରାମ ଚହ୍ୱାନ,ଡେପୁଟି କଲେକ୍ଟର ନିତୁଶ୍ରୀ ମେହେର, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା,ଝାର ବନ୍ଧ ତହସିଲଦାର ଅଲେଖ ଘୁଟା,ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମୃତ ପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନାଯୋଗ୍ୟକି,ଉକ୍ତ ଶିବିରରେ ଜଳସେଚନ,ବିଦ୍ୟୁତ୍ ଯୋଗାଣ,ପାନୀୟ ଜଳ ଯୋଗାଣ,ରାସନ କାର୍ଡ,ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୪ ଗୋଟି ଅଭିଯୋଗ ମଧ୍ୟରୁ ୮୧ ଗୋଟି ବ୍ୟକ୍ତିଗତ,୧୩ ଗୋଟି ସାମୁହିକ ଅଭି ଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପୋଖରୀରେ ବୁଡ଼ି ଯୁବକଙ୍କ ପ୍ରାଣହାନୀ

ବାଣପୁର ୪/୩ (ନି.ପ୍ର): ବାଣପୁର ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ ଭେଟେଶ୍ୱର ଗ୍ରାମର ଗଜେନ୍ଦ୍ର ପ୍ରଧାନ (୩୫) ଗତକାଲି ରାତି ୯ ଟା ପରେ ଘରକୁ ଫେରିନଥିଲେ। ତେବେ ଆଜି ଦିନ ୧୧ ଘଟିକା ସମୟରେ ଗଜେନ୍ଦ୍ରଙ୍କ ଶରୀର ଗ୍ରାମ ପୋଖରୀରେ ଭାସିଥୁବାର ଗ୍ରାମବାସୀ ଦେଖିଥିଲେ ଏବଂ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବାଣପୁର ମେଡିକାଲ ନେଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ସ୍ଥାନୀୟ ପୋଲିସ କୁ ସୂଚନା ଦେଇଥିଲେ। ଖବର ପାଇ ବାଣପୁର ପୋଲିସ ମେଡିକାଲ ପହଞ୍ଚି ଶବ ଜବତ କରି ୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଗଜେନ୍ଦ୍ର ପୋଖରୀରେ ବୁଡ଼ିଯାଇଥିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

## ଟ୍ରକ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ପାଟଣା ୪/୩ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରି ଠାରେ ୪୯ ନଂ ରାଜପଥ ରେ ଆଜି ସନ୍ଧ୍ୟାରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି ।ଗୁରୁତର ଙ୍କୁ ଖିରେଇଟାଙ୍ଗିରି ପଥକ ର ଫାଟକ ରୋଗିଯାନ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି ।ଗୁରୁତର ଜଣକ ପୁରୁଣିଆ ଗ୍ରାମ ର ଟଙ୍କଧର ମହାନ୍ତ (୩୫ ) ବୋଲି ଜଣାପଡିଛି ।

## ଗର୍ଭପାତ ପ୍ରସଂଗରେ ସ୍ୱତନ୍ତ୍ର ଏସଓପି ପ୍ରଣୟନ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୪/୩ (ନି.ପ୍ର):ଦୁଷ୍କର୍ମ ପୀଡ଼ିତା ଜନୈକା ୧୩ବର୍ଷୀୟା ନାବାଳିକାର ଗର୍ଭପାତ ପାଇଁ ଅନୁମତି ଲୋଡି ତାର ପିତାଙ୍କ ପକ୍ଷରୁ ଦାୟର ମାମଲାରେ ଆଜି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାରେ ଉଭୟ ଗର୍ଭପାତ ଓ ଗର୍ଭଧାରଣ କରି ସନ୍ତାନ ଜନ୍ମ ଦେବା ଉଭୟ କ୍ଷେତ୍ରରେ ବିପଦ ଆଶଙ୍କା ରହିଛି। ଆଇନ ସମ୍ମୁଖରେ ଦୁଇଟି କଠିନ ବିକଳ୍ପ ରହିଥିଲେ ସୁଦ୍ଧା କମ କ୍ଷତି ହେଉଥିବା ବିକଳ୍ପକୁ ଗ୍ରହଣ କରାଯିବା ଉଚିତ। ୧୩ବର୍ଷୀୟା ନାବାଳିକାକୁ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଗର୍ଭଧାରଣ କରିବା ପାଇଁ ବାଧ କରିବା ତାର ଶରୀର ଓ ମନ ପ୍ରତି ଏକ ଅସହନୀୟ ବୋଝ ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଉପରୋକ୍ତ ଆବେଦନକୁ ଅନୁମତି ଦେବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ବିଳମ୍ବ ନକରି ସମାପନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।ଅନ୍ୟପଟରେ ଗର୍ଭପାତ ପ୍ରସଂଗରେ ଏସଓପି( ମାନକ ସଂଚାଳନ ପ୍ରକ୍ରିୟା) ପ୍ରଣୟନ ସହ ଏହାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସ୍ତ୍ରୀ ଓ ପ୍ରସୂତି ରୋଗ ,ପ୍ରଜନନ ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞଙ୍କ ସମେତ ଚିକିତ୍ସା ବିଜ୍ଞାନ ସହିତ ଜଡିତ ଆଇନ ବିଶାରଦଙ୍କ ପରାମର୍ଶରେ ଏହି ଏସଓପି ପ୍ରସ୍ତୁତ କରାଯିବ । ଏସଓପି ପ୍ରସ୍ତୁତ ହେବା ପରେ ଏହାକୁ ସମସ୍ତ ଘରୋଇ ଓ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜରିଆରେ ପ୍ରକାଶ କରାଯିବ। ସେହିଭଳି ଅନାବଶ୍ୟକ ବିଳମ୍ବ ଓ ପୀଡିତା ସମ୍ମୁଖୀନ ହେଉଥିବା ଆଇନଗତ ସମସ୍ୟାକୁ ଏଡାଇବା ପାଇଁ ଏଥିରେ ଧ୍ୟାନ ଦିଆଯିବ। ନାବାଳିକାଙ୍କ କ୍ଷେତ୍ରରେ ଦକ୍ଷ ମନୋବିଜ୍ଞାନୀଙ୍କୁ ନିୟୋଜିତ କରାଯାଇ



କାଉନସେଲିଂ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ଏସଓପି କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ନିୟମିତ ସମୀକ୍ଷା କରିବ। ଅନ୍ୟପଟରେ ଏଭଳି ସମ୍ବେଦନଶୀଳ ପ୍ରସଂଗରେ ପୁଲିସ ଥାନା ଗୁଡିକୁ ସଚେତନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ । ବିଶେଷକରି ବେଆଇନ ଗର୍ଭଧାରଣ ପ୍ରସଂଗରେ ପୁଲିସ ଥାନା ଗୁଡିକ ନିକଟସ୍ଥ ଆଇନ ସେବା ପ୍ରାଧିକରଣ ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଠାରୁ ଆଇନଗତ ପରାମର୍ଶ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପ୍ରକାଶଥାଉକି ସିକିଲସେଲ ଆନେମିଆ ସହିତ ଅପସ୍ମାରରେ ଆକ୍ରାନ୍ତ ୧୩ ବର୍ଷୀୟା ଅନୁସୂଚୀତ ଜନଜାତି ନାବାଳିକା ଜଣକ ତାଙ୍କ ସହିତ ହୋଇଥିବା ଦୁଷ୍କର୍ମ ପାଇଁ ଗର୍ଭବତୀ ହୋଇଥିଲେ। ଗର୍ଭଧାରଣ ୨୬ ସପ୍ତାହ ଅତିକ୍ରାନ୍ତ କରି ସାରିଥିବାରୁ ନାବାଳିକାଙ୍କ ସ୍ଥିତିର ଆକଳନ ସହିତ ଗର୍ଭପାତ ପାଇଁ ବ୍ୟବସ୍ଥା କରିବାକୁ ମେଡିକାଲ ବୋର୍ଡଗଠନ ଲାଗି ଏମକେସିଜି ମେଡିକାଲର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ନାବାଳିକାଙ୍କ ପିତା ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମେଡିକାଲ ବୋର୍ଡ ଗଠନ କରାଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ଦିଆଯାଇଥିଲା। ଉଭୟ ଗର୍ଭଧାରଣ ଓ ଗର୍ଭପାତ ଜଟୀଳ ଥିବା ଦର୍ଶାଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଦାଖଲ ତଥ୍ୟ ଓ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ ଯାହା ଆଜି ପ୍ରକାଶ ପାଇଛି।

## ଗଣ୍ଡିଦା ଗ୍ରାମରେ ' ଶ୍ରୀଶ୍ରୀ ରାମକୃଷ୍ଣ ସେବାଶ୍ରମ' ଦ୍ୱାରା ଧାର୍ମିକ ଏବଂ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ



ମୟୂରଭଞ୍ଜ୪/୩ (ନି.ପ୍ର): ଶ୍ରୀଶ୍ରୀ ରାମକୃଷ୍ଣ ସେବାଶ୍ରମ, ଗଣ୍ଡିଦାରେ ଦୁଇଦିନ ଧରି ଧାର୍ମିକ ଏବଂ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ଅବସରରେ ଅଞ୍ଚଳର ଭକ୍ତମାନେ, ଗ୍ରାମବାସୀ ଏବଂ ଆଧାତ୍ମିକ ଜୀବନ ଅନୁସରଣ କରୁଥିବା ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ରେ ଅନୁଷ୍ଠିତ ଧାର୍ମିକ ସଭାରେ ସ୍ୱାମୀ ହରିପଦାନନ୍ଦ ଜୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡକ୍ଟର ଦିଗମ୍ବର ଗିରି ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଲଳିତ ମହାନ୍ତ ଓ ସେବାସଂଘ ର ସଭାପତି ଶ୍ରୀ ସାମନ୍ତ ବେହେରା ମଂଚାସୀନ ଥିଲେ ।ଅନ୍ୟତମ ଅତିଥି ଭାବେ ଶ୍ରୀ ସରୋଜ କୁମାର ମହାନ୍ତ, ଆଇନଜୀବୀ ସଂଜୟ ନନ୍ଦ, ଦୁର୍ଯ୍ୟୋଧନ ବେହେରା, କୃଷ୍ଣଚନ୍ଦ୍ର ବିନ୍ଧାଣୀ ପ୍ରମୁଖ ରହିଥିଲେ। ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ଶ୍ରୀ ଦାରା ସିଂ ମହାନ୍ତ,କ୍ଷେତ୍ରମୋହନ ମହାନ୍ତ,କ୍ଷେତ୍ରମୋହନ ଗିରି,ରଜତ ଦାସ,ସୋନାରାମ ମାଝୀ,ରାମ ଚନ୍ଦ୍ର ମାଝୀ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଭଜନ ଅଧିବେଶନରେ ଭଜନ ପରିବେଷଣ କରିଥିଲେ ଡକ୍ଟର ଦିଗମ୍ବର ଗିରି ଓ ଧାର୍ମିକ ଉପଦେଶ ଏବଂ ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଥିଲା, ଏହା ଶ୍ରୀ ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଉପରେ ଆଧାରିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ନୈତିକ ମୂଲ୍ୟବୋଧ, ଶିଷ୍ଟାଚାର ଏବଂ ମନୁଷ୍ୟସେବାର ମାନସିକତା ଉନ୍ନତ କରିବା ।ଆଧାତ୍ମିକ କାର୍ଯ୍ୟକ୍ରମ ସହ ସେବାମୂଳକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଶ୍ରମ ପକ୍ଷରୁ ମଣିଷ ମାନବସେବା ଏବଂ ଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ।ଆଶ୍ରମ ପ୍ରଶାସନ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସହଭାଗୀ, ସହଯୋଗୀ ଏବଂ ଦାତାଙ୍କୁ କୃତଜ୍ଞତା ଜଣାଇଛି। ଏହିପରି ଧାର୍ମିକ ଏବଂ ସେବାମୂଳକ କାର୍ଯ୍ୟକ୍ରମ ଭବିଷ୍ୟତରେ ମଧ ଅନୁଷ୍ଠିତ ହେବାକୁ ଅଶ୍ରମ ପକ୍ଷରୁ ନିଷ୍ଠାବାନ ହୋଇ କାମ ଦୀର୍ଘ ବର୍ଷଧରି କରାଯାଉଛି । ସବାଶେଷରେ ଶ୍ରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଛିନ୍ନାଞ୍ଚଳ ଚକ୍ରଧରପୁର ରେ ଓଡ଼ିଆ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ ଓ ବୈଠକ



ମୟୁରଭଞ୍ଜ ୪/୩ (ନି.ପ୍ର):ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଜିଲ୍ଲା ବିଛିନ୍ନ?ାଞ୍ଚଳ ଚକ୍ରଧରପୁର ଅଞ୍ଚଳର ଓଡ଼ିଆ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ ପାଇଁ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ପ୍ରଫେସର ଡକ୍ଟର ଅଦ୍ୱୈତ କୁମାର ପାତ୍ର ଓ କୋଷାଧକ୍ଷ ଭୀମସେନ ମହାପାତ୍ର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ଦେଓଗାଁ, ପ୍ରାଥମିକ ବିଦ୍ୟାଳୟ କୁରୁଳିଆ, ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ କୋଲଚକଡା ଓ ଓଡ଼ିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତିର ଛାତ୍ରଛାତ୍ରୀ ମାନଙ୍କ ଓଡ଼ିଆ ମାତୃଭାଷା ପାଠ ପଢା ସମ୍ବନ୍ଧରେ ତଦାରଖ କରି ଓଡ଼ିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତି ରେ ଜିଲ୍ଲାର ସମସ୍ତ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବୈଠକ କରିଥିଲେ ।ବୈଠକ ପ୍ରାରମ୍ଭରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଓଡ଼ିଆ ମାତୃଭାଷା କିପରି ଅଧିକ ଛାତ୍ରଛାତ୍ରୀମାନେ ପଢ଼ି ଲେଖି ପାରିବେ ତଥା ଓଡ଼ିଆ ଭାଷା ସାହିତ୍ୟ କିପରି ଅଧିକ ଉନ୍ନତ ହେବ ଏହି ବିଷୟରେ ଆଲୋଚନା କରାଯାଇଥିଲା ।ଉକ୍ତ ବୈଠକ ଝାଡ଼ଖଣ୍ଡ ଅଳ୍ପ ସଂଖ୍ୟକ ଆୟୋଗର ପୂର୍ବତନ ଉପାଧକ୍ଷ ଅଶୋକ ଷଡ଼ଙ୍ଗୀ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲ୍ଲାର ସଭାପତି ପ୍ରଦୀପ୍ତ କୁମାର ଦାଶ ସଂପାଦକ ଅମ୍ବିକା ଚରଣ ଦିକ୍ଷୀତ, ପୂର୍ବତନ ସଂପାଦକ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଅରବିନ୍ଦ କୁମ୍ଭକାର, ଓଡ଼ିଆ ଶିକ୍ଷାକର୍ମୀ ରମେଶ ପ୍ରଧାନ, ସନ୍ତୋଷ କୁମ୍ଭକାର, ପିତବାସ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବସନ୍ତ ପ୍ରଧାନ, ସଂଗୀତା ପ୍ରଧାନ, ଆରତୀ ଷଡ଼ଙ୍ଗୀ, ଗାୟତ୍ରୀ ପ୍ରଧାନ, ସୁଭଦ୍ରା ମିସ୍ତ୍ରୀ, ବୃନ୍ଦାବତୀ ପ୍ରଧାନ, ସୁନୀତା ପ୍ରଧାନ ,ଅନିତା ପୃସେଟ, ଦିପ୍ତୀଲତା ଗିରି, ଆରତୀ ମଣ୍ଡଳ, ସଂଗୀତା ମହାନ୍ତି, ବାସନ୍ତୀ ମହାନ୍ତଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ମୁକ୍ତାପୂର ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମାନଙ୍କ କୃତିତ୍ୱ

ପାଟଣା ୪/୩ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ମୁକ୍ତାପୂର ଆଶ୍ରମ ବିଦ୍ୟାଳୟ ରେ ଅଧ୍ୟୟନ କରୁଥିବା ପଞ୍ଚମ ଶ୍ରେଣୀର ଚାରି ଜଣ ଛାତ୍ରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ କୁମାରୀ ରଶ୍ମିନୀ ନାଏକ,କୁମାରୀ ସାମୀୟା ମାଝୀ ଓ କୁମାରୀ ପ୍ରତିମା ବିଶ୍ୱାଳ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଟଣା(ଏରେଣ୍ଡେଇ) ଏବଂ କୁମାରୀ ହରପ୍ରିୟା ସିଂ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଗିଧିବାସ ଠାରେ ଆସନ୍ତା ଶିକ୍ଷା ବର୍ଷ ୨୦୨୫-୨୦୨୬ ନିମନ୍ତେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ।ଛାତ୍ରୀ ମାନେ ତାଙ୍କର ଏହି ସଫଳତା ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘନଶ୍ୟାମ ମହାନ୍ତ,ସହକାରୀ ଶିକ୍ଷକ ଲୋକନାଥ ନାୟକ ଓ ବୈଲୋଚନ ସାହୁ ଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ଏହି ସଫଳତା ପଛରେ ଛାତ୍ରୀ ମାନଙ୍କ କଠିନ ଅଧ୍ୟବସାୟ,ଶିକ୍ଷକ ମାନଙ୍କ ଉଚ୍ଚ କୋଟୀ ର ଶିକ୍ଷାଦାନ ତଥା ଗୁରୁଜନ ଙ୍କ ଆଶୀର୍ବାଦ ଏବଂ ପ୍ରଧାନ ଶିକ୍ଷକ ଙ୍କ ବିଶେଷ ତତ୍ତ୍ୱାବଧାନ ଦାୟୀ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତ କହିଛନ୍ତି ।ଛାତ୍ରୀ ମାନଙ୍କ ଏହି ସଫଳତା ନିମନ୍ତେ ବିଭିନ୍ନ ମହଲରୁ ପ୍ରଶଂସା ର ସୁଅ ଛୁଟୁଛି ।ବିଦ୍ୟାଳୟ ଏବଂ ଛାତ୍ରୀନିବାସ ତରଫରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

## ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବାଣପୁର ୪/୩ (ନି.ପ୍ର): ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରାଯାଇଛି । ବାଣପୁର ଥାନା ହଳଦା ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଉକ୍ତ ଗ୍ରାମର କୁନି ନାୟକଙ୍କ ଝିଅ ଟିକିନା ବିଷୋୟୀ (୩୭) ସେହି ଗ୍ରାମର ରବି ବିଷୋୟୀଙ୍କୁ ୧୧ ବର୍ଷ ପୂର୍ବେ ବିବାହ କରିଥିଲେ ।ତେବେ ସୋମବାର ଦିନ ଟିକିନା ପାରିବାରିକ କଳହ ଲାଗି ତାଙ୍କ ଘରେ ଥିବା ବାଉଁଶରେ ରଶି ଲଗାଇ ଝୁଲିପଡ଼ିଥିବା ଚର୍ଚ୍ଚା ହେଉଥିବା ବେଳେ ଖବର ପାଇ ମା’ କୁନି ଟିକିନାଙ୍କୁ ଶ୍ୱଶୁର ଘର ଲୋକ ମାରିଦେଇଥିବା ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ସ୍ୱାମୀ ରବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୃତ ଟିକିନାଙ୍କ ୩ ଗୋଟି ସନ୍ତାନ ଥିବା ଜଣାପଡିଛି ।

## ଗୋପାଳପୁର ଆଶ୍ରମ ସ୍କୁଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସ

ବରଗଡ଼ ୪/୩ (ନି.ପ୍ର): ପରିବେଶ ଉପରେ ମନୁଷ୍ୟର ଅକଥନୀୟ ଅତ୍ୟାଚାର ଯୋଗୁଁ ଆଜି ଅନେକ ଜୀବଜନ୍ତୁ ବିଲୁପ୍ତିର ଦ୍ୱାର ଦେଶରେ ।ତେଣୁ ବନ୍ୟପ୍ରାଣୀ ଯେପରି ସୁରକ୍ଷିତ ରହିପାରିବେ ସେ କ୍ଷେତ୍ରରେ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।ସାରା ବିଶ୍ୱର ଜୀବଜନ୍ତୁଗୁଡ଼ିକର ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ମାର୍ଚ୍ଚ ମାସ ତିନି ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବରେ ପାଳନ କରାଯାଏ । ବନ୍ୟପ୍ରାଣୀ ମାନଙ୍କର ସୁରକ୍ଷା ବର୍ତ୍ତମାନ ସମାଜରେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି । ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଲପୁର ଆଶ୍ରମ ସ୍କୁଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ଉଛବ ଭୁଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ପ୍ରକୃତି ବନ୍ଧୁ ନୀଳକଣ୍ଠ ସା, ମୁଖ୍ୟ ବକ୍ତା ଭାବେ ବଡ଼ମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଅଶୋକ ତନସନା, ସମ୍ମାନିତ ଅତିଥି ଭାବରେ ପ୍ରକୃତିପ୍ରେମୀ ଗଣେଶ ମହାକୁଡ ଯୋଗଦେଇ ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାରେ ବନ୍ୟପ୍ରାଣୀମାନଙ୍କ ଉପସ୍ଥିତି କିପରି ପ୍ରଭାବ ପକାଇଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ବିଦ୍ୟାଳୟର ଇକୋ କ୍ଲବ ଓ ବିଜ୍ଞାନ କ୍ଲବର ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଅନନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଶ୍ଚିମବଙ୍ଗ ସରକାରଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ନାଲି ଆଖି

ଭୁବନେଶ୍ୱର,୪/୩ (ନି.ପ୍ର): ଓଡ଼ିଶା ସୀମାରେ ଅନୁପ୍ରବେଶ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପଶ୍ଚିମବଙ୍ଗ ଅସଭ୍ୟ ସରକାର । ଆବଶ୍ୟକ ପଡ଼ିଲେ ପଶ୍ଚିମବଙ୍ଗକୁ ପାଠ ପଢ଼ାଇ ରାସ୍ତା ଦେଖାଇବ ଓଡ଼ିଶା । ବାଲେଶ୍ୱର ଜିଲ୍ଲା ଉଦୟପୁର ଏବଂ ସହାବାଜିପୁରରେ ପଶ୍ଚିମବଙ୍ଗ ସରକାରର ରାଜସ୍ୱ ମନ୍ତ୍ରୀଙ୍କ ଅନୁପ୍ରବେଶ ନେଇ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ଏଭଳି କହିଛନ୍ତି । ରାଜ୍ୟରେ ସୀମାକୁ ନେଇ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ଅଛି । ମୁଁ ଜିଲ୍ଲା ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିଛି । ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ସହ ବିଶେଷ ସମସ୍ୟା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ, ଓଡ଼ିଶା ଗଠନରୁ ଆଜି ଯାଏଁ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ । ରାଜସ୍ୱ ବିଭାଗ ପଶ୍ଚିମ ବଙ୍ଗ ସରକାରଙ୍କ ସହ ଅଛି । ସହାର୍ଦ୍ଦ୍ଧ୍ୟ ପୂର୍ଣ୍ଣ ବାତାବରଣ ଭିତରେ ସୀମା ଚିହ୍ନଟ ହେବ । ଆଲୋଚନା ଆରମ୍ଭ ହେଲାଣି । ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀ ସହ ଓଡ଼ିଶାର ରାଜସ୍ୱ ଅଧିକାରୀ ଫିଲଡ ଭିଜିଟ କରି ସୀମା ଚିହ୍ନଟ ହେବ । ଏ ସରକାର ବିନା ବିବାଦରେ ସୀମା ଚିହ୍ନଟ ସମସ୍ୟାର ସମାଧାନ କରିବ । ପଶ୍ଚିମବଙ୍ଗ ସରକାର ଅସଭ୍ୟ ସରକାର । ଦେଶରେ ସମସ୍ୟା ସୃଷ୍ଟି କରୁଛି ପଶ୍ଚିମବଙ୍ଗ । ଆଳୁ ସମସ୍ୟା ସୃଷ୍ଟି କଲେ, ଅନୁପ୍ରବେଶ କରାଉଛି, ନାଗରିକତା ଆଇନକୁ ଲାଗୁ କଲେନି ପଶ୍ଚିମବଙ୍ଗ ସରକାର । ଆୟୁଷ୍ମାନ ଯୋଜନା ଲାଗୁ କଲେ ନାହିଁ । ଗଣତନ୍ତ୍ରରେ ଏହା ଦୁର୍ଭାଗ୍ୟ । ବିବାଦ ତିଆରି କରିବାର କାମ କରୁଛି । ଝଗଡ଼ା ତିଆରି କରିବାର କାମ କରୁଛି ପଶ୍ଚିମବଙ୍ଗ । ସେମାନଙ୍କର ପାଠ ପଢ଼ିବାର ଆବଶ୍ୟକତା ଅଛି । ଓଡ଼ିଶା ସରକାର ତାଙ୍କୁ ପାଠ ପଢ଼ାଇବ ରାସ୍ତା ଦେଖାଇବ । ଜବରଦସ୍ତିକୁ କିଏ ଖାତିର କରୁଛି । ପଶ୍ଚିମବଙ୍ଗ ସରକାର ଖୁଣ୍ଟ ପୋତିଲେ ଓଡ଼ିଶା ଲୋକ ଉପାଡ଼ି ଫିଙ୍ଗିବେ । ରାଜସ୍ୱ ବିଭାଗକୁ ଲୋକ ସହଯୋଗ କରୁଛନ୍ତି । ଓଡ଼ିଶା ସାରା ଦେଶକୁ ରାସ୍ତା ଦେଖାଉଛି, ପଶ୍ଚିମବଙ୍ଗ ସରକାରକୁ ରାସ୍ତା ଦେଖାଇବାକୁ ବେଶି ସମୟ ଲାଗିବନି । ସେ କହିଛନ୍ତି, ରାଜ୍ୟରେ ସୀମାକୁ ନେଇ ଛତିଶଗଡ଼, ଝାରଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ଅଛି । ମୁଁ ଜିଲ୍ଲା ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିଛି । ଛତିଶଗଡ଼ ଏବଂ ଝାରଖଣ୍ଡ ସହ ବିଶେଷ ସମସ୍ୟା ନାହିଁ ।



କିନ୍ତୁ ଆଶ୍ଚର୍ଯ୍ୟ, ଓଡ଼ିଶା ଗଠନରୁ ଆଜି ଯାଏଁ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ । ରାଜସ୍ୱ ବିଭାଗ ପଶ୍ଚିମ ବଙ୍ଗ ସରକାରଙ୍କ ସହ ଅଛି । ସହାର୍ଦ୍ଦ୍ଧ୍ୟ ପୂର୍ଣ୍ଣ ବାତାବରଣ ଭିତରେ ସୀମା ଚିହ୍ନଟ ହେବ । ଆଲୋଚନା ଆରମ୍ଭ ହେଲାଣି । ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀ ସହ ଓଡ଼ିଶାର ରାଜସ୍ୱ ଅଧିକାରୀ ଫିଲଡ ଭିଜିଟ କରି ସୀମା ଚିହ୍ନଟ ହେବ । ଏ ସରକାର ବିନା ବିବାଦରେ ସୀମା ଚିହ୍ନଟ ସମସ୍ୟାର ସମାଧାନ କରିବ । ପଶ୍ଚିମବଙ୍ଗ ସରକାର ଅସଭ୍ୟ ସରକାର । ଦେଶରେ ସମସ୍ୟା ସୃଷ୍ଟି କରୁଛି ପଶ୍ଚିମବଙ୍ଗ । ଆଳୁ ସମସ୍ୟା ସୃଷ୍ଟି କଲେ, ଅନୁପ୍ରବେଶ କରାଉଛି, ନାଗରିକତା ଆଇନକୁ ଲାଗୁ କଲେନି ପଶ୍ଚିମବଙ୍ଗ ସରକାର । ଆୟୁଷ୍ମାନ ଯୋଜନା ଲାଗୁ କଲେ ନାହିଁ । ଗଣତନ୍ତ୍ରରେ ଏହା ଦୁର୍ଭାଗ୍ୟ । ବିବାଦ ତିଆରି କରିବାର କାମ କରୁଛି । ଝଗଡ଼ା ତିଆରି କରିବାର କାମ କରୁଛି ପଶ୍ଚିମବଙ୍ଗ । ସେମାନଙ୍କର ପାଠ ପଢ଼ିବାର ଆବଶ୍ୟକତା ଅଛି । ଓଡ଼ିଶା ସରକାର ତାଙ୍କୁ ପାଠ ପଢ଼ାଇବ ରାସ୍ତା ଦେଖାଇବ । ଜବରଦସ୍ତିକୁ କିଏ ଖାତିର କରୁଛି । ପଶ୍ଚିମବଙ୍ଗ ସରକାର ଖୁଣ୍ଟ ପୋତିଲେ ଓଡ଼ିଶା ଲୋକ ଉପାଡ଼ି ଫିଙ୍ଗିବେ । ରାଜସ୍ୱ ବିଭାଗକୁ ଲୋକ ସହଯୋଗ କରୁଛନ୍ତି । ଓଡ଼ିଶା ସାରା ଦେଶକୁ ରାସ୍ତା ଦେଖାଉଛି, ପଶ୍ଚିମବଙ୍ଗ ସରକାରକୁ ରାସ୍ତା ଦେଖାଇବାକୁ ବେଶି ସମୟ ଲାଗିବନି ।

## ପିପିଲିଆ - ଟାଙ୍ଗରପଡା ରାସ୍ତାର ଉନ୍ନତି କରଣ ଗ୍ରାମ୍ୟ କଂକ୍ରିଟ ରାସ୍ତାରେ ଡ୍ରେନ ନିର୍ମାଣ ଦାବି



ପାଟଣା ୪/୩ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ଠାରୁ ଟାଙ୍ଗରପଡା ଭାୟା ପୋଇପାଣି ରାସ୍ତାର ଉନ୍ନତି କରଣ କାମ ଆରମ୍ଭ ହୋଇଛି ।ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବାବେଳେ କାମ ଅତ୍ୟନ୍ତ ମନ୍ଥର ଗତି ରେ ଚାଲୁଥିବା ଅଭିଯୋଗ ହୋଇଛି ।ଏହି ରାସ୍ତା ପିପିଲିଆ ଠାରୁ ତୋରାଣି ପୋଖରୀ, ଧୋବାପିଟଣା, ପୋଇପାଣି,ଭୋଦବାହାଳି, କୁମୂଳା ବାହାଳି, ଖଜୁରିପାଣି,ବ୍ରାହ୍ମଣୀ ଦେଓ, ଝାଲିଆପଡା, ମୂଷାପଡା ହୋଇ ଟାଙ୍ଗରପଡା କୁ ସଂଯୋଗ କରୁଛି ।ଏହି ରାସ୍ତା ଟି ଘଷିପୁରା ,କେନ୍ଦୁଝର ସଦର ଓ ପାଟଣା ଭଳି ୩ ଟି ନିର୍ବାଚନ ମଣ୍ଡଳୀ ଇଲାକା ଦେଇ ଯାଉଥିବା ବେଳେ ରାସ୍ତା କାମକୁ କେହି ଅଧିକାରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି ।ଦେଢ଼ ବର୍ଷ ହେଲା ଏହି ରାସ୍ତା କାମ ଚାଲିଛି ।ପୋଇପାଣି , କୁମୁଳବାହାଳି ଓ ବ୍ରାହ୍ମଣୀ ଦେଓ ଗ୍ରାମ୍ୟ ରାସ୍ତାରେ ରାସ୍ତା କୁ କଂକ୍ରିଟ କରାଯାଇଥିବାବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଉନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଗ୍ରାମ୍ୟ ରାସ୍ତାରେ ଶୀଘ୍ର କାମ ନସାରି ଚିପ୍ସ ଗୁଣ୍ଡ ପକାଇ ରଖିଥିବାରୁ ଏହା ଉଡ଼ି ଘରେ ପଶୁଥିବା ବେଳେ ଖଣ୍ଡେ ଖଣ୍ଡେ କଂକ୍ରିଟ କରାଯାଉଥିବାରୁ ଯାନବାହାନ ଯାତାୟତରେ ମଧ ବ୍ୟାଘାତ ସୃଷ୍ଟି ହେଉଛି ।ରାସ୍ତା କାମ ର ସୂଚନା ଫଳକ ନଥିବାରୁ ଏହି କାମ କେତେ ସମୟ ମଧ୍ୟରେ ସରିବା କଥା ତାହା ସାଧାରଣ ଲୋକେ ଜାଣି ପାରୁନାହାନ୍ତି ।କଂକ୍ରିଟ ସମୟ ରେ କନିଷ୍ଠ ଯନ୍ତ୍ରୀ ଅଥବା ବିଭାଗୀୟ ଅଧିକାରୀ ରହୁନଥିବାରୁ ନିମ୍ନ ମାନର କାମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି ।

## ବୁଗୁଡା ବ୍ଲକରେ ଜଳ ଓ ପରିମଳ ଗୋଷ୍ଠୀ ପ୍ରଶିକ୍ଷଣ କର୍ମଶାଳା



ବୁଗୁଡା ୪/୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଜଳ ଓ ପରିମଳ ମିଶନ ନିର୍ଦ୍ଦେଶ କ୍ରମେ ବୁଗୁଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଜଳ ଓ ପରିମଳ ଗୋଷ୍ଠୀ ପ୍ରଶିକ୍ଷଣ କର୍ମଶାଳା ମାର୍ଚ୍ଚ ୩ ତାରିଖ ଦିନ ଠାରୁ ଆରମ୍ଭ ହୋଇଯାଇଛି । ବୁଗୁଡା ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଏ.ରାମା ରାଓଙ୍କ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଗୁଡା ବ୍ଲକ ଅଧିନରେ ରହିଥିବା ସମସ୍ତ ଗ୍ରାମର ଲୋକଙ୍କ ଜଳ ଓ ପରିମଳ ସମସ୍ୟାକୁ ନେଇ ବୁଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପାଞ୍ଚ ଗୋଟି ଗ୍ରାମର ଜଳ ଓ ପରିମଳ କମିଟି ସଦସ୍ୟ/ସଦସ୍ୟା ବୃନ୍ଦଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଆଗକୁ ଗ୍ରୀଷ୍ମ ପ୍ରବାହାକୁ ଦୃଷ୍ଟିରେ ରଖି ଯେପରି ଜନସାଧାରଣ ପାନୀୟ ଜଳ ପାଇଁ ଚିନ୍ତିତ ନହେବେ ସେଥିପାଇଁ ବିଡ଼ିଓ ଶ୍ରୀ ପାତ୍ର ଓ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଶ୍ରୀ ରାଓ ଚେଷ୍ଟା ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପାଞ୍ଚଟି ଗ୍ରାମର ଜଳ ଓ ପରିମଳ କମିଟିକୁ କିପରି ଜଳ ସମସ୍ୟା ସମାଧାନ କରାଯିବ ପ୍ରଶିକ୍ଷଣ କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା । ପର୍ଯ୍ୟାୟ କ୍ରମେ ପ୍ରତିଦିନ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇ ସମସ୍ତ ଗ୍ରାମ୍ୟ ଜଳ ଓ ପରିମଳ କମିଟି ମେମ୍ବରମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ବିଡ଼ିଓ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

## ସରାସପଶି ରେ କୁଟାଗଦାରେ ଲାଗିଲା ନିଆଁ , ଆୟତ୍ତ କଲା ଅଗ୍ନିଶମ ବାହିନୀ

ପାଟଣା ୪/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଘଟଗାଁ ଥାନା ସରାସପଶି ପଞ୍ଚାୟତ ସରାସପଶି ଗ୍ରାମର ସାଧୁ ଚରଣ ନାଏକ ଙ୍କ କୁଟାଗଦାରେ କେହି ଜଣେ ଦୃର୍ବୃତ୍ତ ଆଜି ଦିନ ୨:୩୦ ସମୟରେ ନିଆଁ ଲଗାଇ ଚାଲି ଯାଇଥିଲା । ପାଖରେ ଥିବା ସ୍ଥାନୀୟ ଲୋକମାନେ ଦେଖିବା ପରେ ନିଆଁ କୁ ଲିଭାଇବା ପାଇଁ ବହୁତ ଚେଷ୍ଟା କରି ଥିଲେ ମଧ ନିଆଁ କୁ ଆୟତ କରିପାରିନଥିଲେ । ଗ୍ରାମବାସୀ ମାନେ ତୁରନ୍ତ ଅଗ୍ନିଶମ ବାହିନୀ କୁ ଖବର ଦେବା ପରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ ।କୁଟାଗଦା ନିକଟରେ ବାସ ଗୃହ ଥିଲେ ମଧ ଅଳ୍ପକେ ବର୍ତ୍ତି ଯାଇଥିଲା ।ଅଗ୍ନିଶମ ବାହିନୀ ର ଉପଯୁକ୍ତ ପଦକ୍ଷେପ ଯୋଗୁଁ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇନାହିଁ ।

## ରକ୍ତ କୋଷିକା ଉପାଦାନ ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ ଦାବି



ବୁଗୁଡା ୪/୩ (ନି.ପ୍ର): ଗୋଟିଏ ବ୍ୟକ୍ତିଙ୍କ ରକ୍ତ ଦାନ ତିନି ଜଣଙ୍କ ଜୀବନ ବଞ୍ଚେଇ ପାରେ, ଯାହାକି ରକ୍ତ କୋଷିକା ଉପାଦାନ ସଂଗ୍ରହ ଦ୍ୱାରା ସମ୍ଭବ ହୋଇପାରୁଛି । ତେବେ ରାଜ୍ୟର ରାଜଧାନୀର ପ୍ରମୁଖ ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜ ରେ ଅବସ୍ଥିତ କ୍ୟାପିଟାଲ ରକ୍ତ କେନ୍ଦ୍ର ରେ ଏହି ସୁବିଧାରୁ ଅନେକ ଲୋକ ବଞ୍ଚିତ ହେଉଛନ୍ତି । ଆବଶ୍ୟକତା ସମୟରେ ରକ୍ତ ଯୋଗାଡ଼ କରିବାରେ ବର୍ତ୍ତମାନ ମଧ ଓଡ଼ିଶା ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ । ସରକାରୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ ସମୟରେ ରକ୍ତ ଦାନ ଶିବିର ଆୟୋଜନ କରିବା, ଆବଶ୍ୟକ ସ୍ଥଳେ ସିଧାସଳଖ ରକ୍ତ ମଧ ଦାନ କରିଥାନ୍ତି । ତଥାପି ମଧ ଆବଶ୍ୟକ ସମୟରେ ରକ୍ତ ବଦଳ ରେ ରକ୍ତ ନ୍ୟାୟରେ ରୋଗୀଙ୍କ ସମ୍ପର୍କୀୟମାନେ ରକ୍ତ ଦାନ କରିଥାନ୍ତି ।ଓଡିଶା ରକ୍ତଦାତା ମହାସଂଘ (FBDOO) ତରଫରୁ ସଭାପତି ଅକ୍ଷୟ କୁମାର ରାଉତଙ୍କ ଅଧକ୍ଷତାରେ ଏବଂ ସମ୍ପାଦକ ତ୍ରିଲୋଚନ ଦାଶ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି, କୋଷାଧ୍ୟକ୍ଷ ରାଜେଶ ନାୟକ ଓ ଅନ୍ୟ ସଦସ୍ୟ ମାନେ ତିନି ଦଫା ସମ୍ମିଳିତ ଏକ ଦାବି ପତ୍ର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା ଓ ରାଜ୍ୟ ରକ୍ତଦାନ ପରିଷଦର ନିର୍ଦ୍ଦେଶକଙ୍କୁ ଭେଟି ପ୍ରଦାନ କରିଛନ୍ତି । ପ୍ରମୁଖ ଦାବି ମଧ୍ୟରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ ରେ ଶହେ ପ୍ରତିଶତ ରକ୍ତ କମ୍ପୋନେଣ୍ଟ କରିବା, ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ଶିବିର ବଢେଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ଆଗାମୀ ଗ୍ରୀଷ୍ମ ପ୍ରବାହରେ କିପରି ରକ୍ତଦାନ ବୃଦ୍ଧି ହୋଇପାରିବ ।ସାରା ରାଜ୍ୟରେ ଥିବା ବ୍ଲଡ଼ ସେଣ୍ଟର୍ ରେ ଯଦି ଶହେ ପ୍ରତିଶତ ରକ୍ତ କଣିକା ଉପାଦାନ ସଂଗୃହିତ ହୋଇ ପାରୁଛି ତାହେଲେ କ୍ୟାପିଟାଲ ହସ୍ପିଟାଲରେ କାହିଁକି ପ୍ରତିଦିନ ମାତ୍ର ୧୬ଟି ହେଉଛି ବୋଲି ସମ୍ପାଦକ ତ୍ରିଲୋଚନ ଦାଶ ପ୍ରଶ୍ନ କରି ଥିଲେ । ଏହା ଦ୍ୱାରା ଅନେକ ଲୋକ ହଇରାଣ ହେବା ସହିତ ଆଗକୁ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଆଗକୁ ଖରାର ପ୍ରକୋପ ବୃଦ୍ଧି ସମୟରେ କ୍ୟାପିଟାଲ ବ୍ଲଡ ସେଣ୍ଟର୍ ଯଦି କର୍ମଚାରୀ ଅଭାବରୁ ରକ୍ତଦାନ ଶିବିର ଆୟୋଜନରେ ସମସ୍ୟା ସୃଷ୍ଟି ହୁଏ ତାହେଲେ ଅନେକ ସମସ୍ୟା ଉପୁଜି ପାରେ ବୋଲି ସଭାପତି ଅକ୍ଷୟ କୁମାର ରାଉତ ଚିନ୍ତା ପ୍ରକଟ କରିଛନ୍ତି । କ୍ୟାପିଟାଲ ମେଡ଼ିକାଲ ନିର୍ଦ୍ଦେଶକ ଆଗାମୀ ଦିନରେ ଏହି ଦିଗରେ ପଦେକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି ଯେ ଆଗାମୀ କିଛି ଦିନ ରେ ଯଦି ଦାବି ଗୁଡିକକୁ ପୂର୍ଣ୍ଣ ନକରାଯାଏ ତାହେଲେ ଓଡ଼ିଶା ରକ୍ତଦାତା ମହାସଂଘ ଆଗାମୀ ଦିନରେ ଆନ୍ଦୋଳନ ଆରମ୍ଭ କରିବା ବୋଲି ଜଣାଇଛନ୍ତି ।

## କୁସୁମବନ୍ଧ ଠାରେ ଗଣ୍ଡଗୋଳ ହୋଇ ଛୁରାମାଡ ଘଟଣା, ୨ ଗିରଫ

ନବରଙ୍ଗପୁର ୪/୩ (ନି.ପ୍ର): ଡାବୁଗାଁ ବ୍ଲକ ର ଚଚରାଗୁଡା ପଞ୍ଚାୟତ ଅଧିନ କୁସୁମବନ୍ଧ ଗ୍ରାମର ଶିବ ମନ୍ଦିର ଠାରେ ଯାତ୍ରା ଦେଖିବା ସମୟରେ ଗଣ୍ଡଗୋଳ ହୋଇ ଛୁରା ମାଡ ଘଟଣାରେ ଡାବୁଗାଁ ପୋଲିସ ସୋମବାର ୨ ଜଣ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ,ଡାବୁଗାଁ ବ୍ଲକ ର ଚଚରାଗୁଡା ପଞ୍ଚାୟତ ଅଧିନ କୁସୁମବନ୍ଧ ଗ୍ରାମର ଶିବ ମନ୍ଦିର ଠାରେ ଶନିବାର ଦିନ ଶିବରାତ୍ରି ପାଳନ ହୋଇଥିଲା । ରାତ୍ରିରେ ଭକ୍ତ ମାନଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିବାସୀ ନାଟକ ଚାଲିଥିଲା । କୁସୁମବନ୍ଧ ଗ୍ରାମର ଆସମନ ଗୌଡ, ରଞ୍ଜିତ ମାଝି ଓ ଧନସାଏ ଗୌଡ ନାଟକ ଦେଖିବା ପାଇଁ ଯାଇଥିଲେ । ନାଟକ ଦେଖୁଥିବା ବେଳେ ରାତ୍ରୀ ପ୍ରାୟ ୩ ଘ. ସମୟରେ ଚଚରାଗୁଡ଼ା ଗ୍ରାମର ତାନ୍ତିପାଲ ପନକା ଓ ଦାସ ପନକା ମଦ ପିଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଲୋକ ମାନଙ୍କୁ ଠେଲା ପେଲା କରୁଥିଲେ । ସେହି ସମୟରେ କୁସୁମବନ୍ଧ ଗ୍ରାମର ଆସମନ ଗୌଡ, ରଞ୍ଜିତ ମାଝୀ ଓ ଧନସାଏ ଗୌଡ ସେମାଙ୍କୁ ବୁଝାଉଥିଲେ । ସେହି ସମୟରେ ତାନ୍ତିପାଲ ପନକା ଉତ୍ୟକ୍ତ ହୋଇ ଏକ ଛୁରା ସାହାଯ୍ୟରେ ରଞ୍ଜିତ ମାଝୀ (୨୩) ଓ ଧନସାଏ ଗୌଡ(୨୭)ଙ୍କୁ ଆକ୍ରମଣ କରିଥିଲେ । ଫଳରେ କୁସୁମବନ୍ଧ ଗ୍ରାମର ରଞ୍ଜିତ ମାଝୀ ଓ ଧନସାଏ ଗୌଡ ଙ୍କ ପେଟରେ ଛୁରି ବାଜି ଆହତ ହୋଇଥିବା ବେଳେ ଆସମନ ଙ୍କ ହାତରେ ଆଘାତ ଲାଗିଥିଲା । ଏନେଇ ଆହତ ଆସମନ ଗୌଡ ଚଚରାଗୁଡ଼ା ଗ୍ରାମର ତନ୍ତିପାଲ ପନକା ଓ ଦାସ ପନକା ଥାନାରେ ଏତଲା ଦେଇଥିଲେ । ଏନେଇ ଥାନା କେସ ନଂ ୩୪/୨୫ ଏକ ମାମଲା ରୁଜୁ କରାଯାଇଥିଲା । ଏଥିରେ ସମ୍ପୃକ୍ତ ତାନ୍ତିପାଲ ପନକା (୩୨) ଓ ତାଙ୍କ ଭାଇ ଦାସ ପନକା (୨୫) ଙ୍କୁ ସୋମବାର ପୋଲିସ ଗିରଫ କରିଥିଲା । ଆଜି ଅପରାହ୍ନରେ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ତାନ୍ତିପାଲ ଙ୍କ ଠାରୁ ରକ୍ତ ଲାଗିଥିବା ଛୁରୀ, ଏକ ନକଲି ସାପ, ଓଡିଶା ନିୟୁଜ ଟିଭି ୱେବ ଚ୍ୟାନେଲର ଲୋଗ, ମାଇକ ଓ ପରିଚୟ ପତ୍ର ଜବତ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସବଇନିସ୍ପେକ୍ଟର ଚନ୍ଦନ ସାହୁ ସୂଚନା ଦେଇଛନ୍ତି ।

# ଲଘୁ ଖଣିଜ ଚୋରା କାରବାର: ମାଫିଆଙ୍କ ୨୪ ଘଣ୍ଟିଆ ନଜରରେ ଅଧିକାରୀ



## ମାସିକିଆ ଦରମା ଭିତ୍ତିରେ ନିଯୁକ୍ତି ଦେଉଛନ୍ତି ମାଫିଆ

ସୋର, ୪/୩: ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇଠାରୁ ସୋର ଯାଏଁ ବେଆଇନ ଲଘୁ ଖଣିଜ କାରବାର ଚାଲିଛି । ବିଭିନ୍ନ ସମୟରେ ଚଢ଼ଉ କରାଯାଉଥିଲେ ମଧ ଚୋରା ଚାଲାଣ ରୋକିବାରେ ପ୍ରଶାସନ ସଫଳ ହୋଇପାରୁ ନାହିଁ । ଓଲଟା ପ୍ରାଶାସନିକ ଅଧିକାରୀଙ୍କ ଉପରେ ମାଫିଆମାନେ ୨୪ ଘଣ୍ଟିଆ ନଜର ରଖୁଛନ୍ତି । ଅଧିକାରୀଙ୍କ ଗତିବିଧି ଜାଣିବା ପାଇଁ ମାସିକିଆ ଦରମା ଭିତ୍ତିରେ ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉଛି । ପ୍ରାଶାସନିକ ଅଧିକାରୀ ଡାଳେଡାଳେ ଗଲେ ମାଫିଆମାନେ ପତ୍ରେପତ୍ରେ ଯାଉଛନ୍ତି । ଫଳରେ ମାଫିଆଙ୍କ ଭୟରେ ସରକାରୀ ଅଧିକାରୀମାନେ ଚୁପ୍ ରହିବାକୁ ଉଚିତ ମଣୁଛନ୍ତି । ଉଦାହରଣ ସ୍ୱରୂପ ସୋରର ଖଞ୍ଜାମହାଲ ପଥର ଖାଦାନ । ଗତ ୨ବର୍ଷରୁ ଅଧିକ ଦିନ ଧରି ଏହି ପଥର ଖାଦାନ ନିଲାମ ବନ୍ଦ ଅଛି । ମାତ୍ର, ଦିନରାତି ସବୁ ସମୟରେ ବେଆଇନ ବିସ୍ଫୋରଣ ସହ ପଥର ଚାଲାଣ ଚାଲୁଛି । ଏହାଛଡ଼ା ମାଟି, ମୋରମ୍ ଓ ବାଲି ଆଦି ଚାଲାଣ କରାଯାଉଛି । ତେବେ ଏଥିରେ ରୋକ୍ ଲାଗିପାରୁ ନାହିଁ । ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମାଫିଆମାନେ କିଛି ଯୁବକଙ୍କୁ ମାସିକିଆ ଦରମା ଦେଇ ରଖିଛନ୍ତି । ଏହି ଯୁବକମାନେ ତହସିଲ କାର୍ଯ୍ୟାଳୟ, ପୁଲିସ ଥାନା ସମ୍ମୁଖ, ବରଫକଳ ଛକ, ମାଟିଆପଲା ଛକ, କଲେଜ ଛକ, ବିଦୁ ଛକ ଆଦି ସ୍ଥାନରେ ପାଳି କରି ପହାର ଦେଉଛନ୍ତି । ଅଧିକାରୀମାନଙ୍କ ପ୍ରାତଃ ଭ୍ରମଣଠାରୁ ଆରମ୍ଭ କରି ଶୋଇବାକୁ ଯିବା ପର୍ଯ୍ୟନ୍ତ ସବୁକିଛି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି । ଗତ ୨୮ ତାରିଖ ରାତିରେ ସୋର ଅତିରିକ୍ତ ତହସିଲଦାରଙ୍କ ଗାଡ଼ିକୁ ଜଣେ ଯୁବକ ପିଛା କରିଥିଲେ । ଅତିରିକ୍ତ ତହସିଲଦାର ଗାଡ଼ି ଅଟକାଇ ଏହି ଯୁବକ ଜଣକୁ ସୋର ପୁଲିସକୁ ହସ୍ତାନ୍ତର କରିଥିଲେ । ଏହିପରି ଅନେକ ଥର ତହସିଲଦାର, ଖଣି ଅଧିକାରୀଙ୍କ ଉପରେ ମାଫିଆମାନେ ନଜର ରଖୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏବେ ଥାନା ଅଧିକାରୀଙ୍କ ଉପରେ ବି ସେମାନେ ନଜର ରଖୁଥିବା ଜଣାପଡ଼ିଛି । ଫଳରେ, ଆଗଭଳି ଆଉ ବେଆଇନ ପଥର ଗାଡ଼ିକୁ ଜବତ କରିବାରେ ପୁଲିସ ସଫଳ ହୋଇପାରୁ ନାହିଁ । ଏଭଳି ପରିସ୍ଥିତିରେ ପ୍ରାଶାସନିକ ଅଧିକାରୀ ମୁହଁ ଖୋଲି କହୁନଥିଲେ ମଧ ଏକପ୍ରକାର ଅସହାୟ ମନେ କରୁଛନ୍ତି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ୨୫ ନଦୀର ଜନନୀକୁ ଜଳକଷ୍ଟ

## ସେଚିତ ହେଉଛି କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ଗଞ୍ଜାମ ଜିଲ୍ଲାର ଜମି

ଫୁଲବାଣୀ,୪/୩: କନ୍ଧମାଳ ଜିଲ୍ଲାରେ ୨୫ରୁ ଅଧିକ ନଦୀର ଉତ୍ପତ୍ତି। ଏହି ସବୁ ନଈ ପଡ଼ୋଶୀ ଜିଲ୍ଲାକୁ ଜଳ ଯୋଗାଇ ଆସୁଛି। ମାତ୍ର ଏତେ ସଂଖ୍ୟକ ନଦୀକୁ ଜନ୍ମ ଦେଇଥିବା କନ୍ଧମାଳରେ ପ୍ରତିବର୍ଷ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଥାଏ। କନ୍ଧମାଳର ମାଳଭୂମିରୁ ଋଷିକୁଲ୍ୟା, ସାଲୁଙ୍କୀ, ଖଡ୍‌ଗ, ବୃତ୍ତଙ୍ଗ, ରାହୁଳ, ବାଘ, ଉତ୍ତେଇ, ଚାଉଳଧୁଆ ଆଦି ପ୍ରମୁଖ ନଦୀ ଏବଂ ସେମାନଙ୍କର ଉପନଦୀ ପିଲାସାଲୁଙ୍କୀ, ଦିଗିଯୋଡ଼ି, କେରାସାଲ, କାକଲବାକି, ସିଙ୍ଗୁଡ଼ାରଙ୍ଗା, ଟିକାପାଟ, ସୁଣ୍ଡିଆଜା, ଗଣ୍ଡୁକି, ପୁଣ୍ଡାଲି, କ୍ରାଇବାଲି, ଦମଦେଇ, କଲରାନାଳ, କୋଡ଼ଙ୍ଗ, ଓଡ଼ିଙ୍ଗି, କରଡ଼ା, ଗଣ୍ଡମୁଣ୍ଡି ଆଦି ଉତ୍ପତ୍ତିଲାଭ କରିଛି। ଜିଲ୍ଲାର ଏମିତି କୌଣସି ବ୍ଲକ ନାହିଁ ଯେଉଁଠି ଛୋଟବଡ଼ ନଦୀର ଉତ୍ପତ୍ତି ?ହୋଇନାହିଁ। କନ୍ଧମାଳରୁ ଉତ୍ପତ୍ତିଲାଭ କରିଥିବା ନଈଗୁଡ଼ିକ ପଡ଼ୋଶୀ କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ଚାଷଜମିକୁ ଜଳ ଯୋଗାଇଥାନ୍ତି। ମାତ୍ର, ନଦୀନାଳ ଘେରା ଏ ପାହାଡ଼ିଆ ମାଳଭୂମିରେ ପ୍ରତିବର୍ଷ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଥାଏ। ଅନ୍ୟପଟେ, ଗ୍ରୀଷ୍ମଦିନେ କନ୍ଧମାଳ ଭଳି ପାହାଡ଼ିଆ ଅଞ୍ଚଳରେ ଭୂ-ତଳ ଜଳ ଅତିମାତ୍ରାରେ ନିମ୍ନଗାମୀ ହୋଇ ପଡୁଥିବାରୁ ନଦୀ, ନାଳ, କୂଅ, ପୋଖରୀ, ଝରଣା ଶୁଖିଯାଏ। ଏହି ନଦୀମାନଙ୍କ ମଧ୍ୟରୁ ଋଷିକୁଲ୍ୟା ନଦୀ କନ୍ଧମାଳର ଦାରିଙ୍ଗିବାଡ଼ି ବ୍ଲକରୁ ବାହାରି ପଡ଼ୋଶୀ ଗଞ୍ଜାମ ଜିଲ୍ଲାକୁ ଜଳ ପ୍ଲାବିତ କରି ଶେଷରେ ବଙ୍ଗୋପସାଗରରେ ଲୀନ ହୋଇଥିବା ବେଳେ ସାଲୁଙ୍କୀ ନଦୀ ଘୁ.ଉଦୟଗିରି ବ୍ଲକରୁ ବାହାରି ବୌଦ୍ଧ ଜିଲ୍ଲାରେ ପ୍ରବାହିତ ହୋଇ ଶେଷରେ ମହାନଦୀ ସହ ମିଶିଛି। ସେହିଭଳି ଅନ୍ୟ ନଦୀମାନଙ୍କ ମଧ୍ୟରେ ବୃତ୍ତଙ୍ଗ ନଦୀ କନ୍ଧମାଳ ଜିଲ୍ଲାରୁ ବାହାରି ନୟାଗଡ଼ ଜିଲ୍ଲାକୁ ଜଳ ପ୍ଲାବିତ କରୁଥିବା ବେଳେ ଖଡ୍‌ଗ, ରାହୁଳ, ଚାଉଳଧୁଆ, ଉତ୍ତେଇ ନଦୀ କନ୍ଧମାଳରୁ ଉତ୍ପତ୍ତି ଲାଭ କରି କଳାହାଣ୍ଡି ଜିଲ୍ଲାର ଚାଷ ଜମିକୁ ଜଳ ପ୍ଲାବିତ କରୁଛି। ବାଘ ନଦୀ କନ୍ଧମାଳରୁ ନିର୍ଗତ ହୋଇ ବୌଦ୍ଧ ଜିଲ୍ଲାର ଚାଷ ଜମିରେ ଜଳସେଚିତ କରୁଛି। କିନ୍ତୁ ଏସବୁ ନଦୀମାନଙ୍କର ଉପରମୁଣ୍ଡ କନ୍ଧମାଳ ଜିଲ୍ଲା ହୋଇଥିବାରୁ କନ୍ଧମାଳ ଜିଲ୍ଲାର ପାହାଡ଼ିଆ ମାଳଭୂମି ବିଶେଷ ଭାବେ ଉପକୃତ ହୋଇ ନଥାଏ। ଅନ୍ୟପଟେ ନଦୀନାଳବହୁଳ କନ୍ଧମାଳ ଜିଲ୍ଲାରେ



ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଜଳ ସଂକଟ ଅତି ମାତ୍ରାରେ ସଙ୍ଗିନ ହୋଇପଡ଼େ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜଳ ଯୋଗାଣ ଯୋଜନା ମଧ୍ଯ କନ୍ଧମାଳରେ କାର୍ଯ୍ୟକାରୀ ହୋଇପାରୁନି। କନ୍ଧମାଳ ଜିଲ୍ଲାରେ ଚାରି ବର୍ଷ ଧରି ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଆଜି ଯାଏ ଶେଷ ହୋଇ ପାରୁନି। ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସ୍ଥାନୀୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ବସୁଧା ଯୋଜନା ଏବଂ ଅନ୍ୟାନ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବାରେ ଅସମର୍ଥ ହେଉଛନ୍ତି। ପ୍ରତିବର୍ଷ ଖରାଦିନେ ଫୁଲବାଣୀ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥାଏ। ଜନସ୍ୱାସ୍ଥ୍ୟ ବିଭାଗ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାରେ ସମର୍ଥ ହୋଇ ନଥାଏ। ଖରାଦିନେ ପାନୀୟ ଜଳ ପାଇଁ ଅଧା ଦିନ ହାଣ୍ଡି, ମାଠିଆ, ଗରା, ବାଲ୍‌ଟି ଧରି ସହରବାସୀ ରାଜରାସ୍ତାକୁ ଓହ୍ଲାନ୍ତି। କିନ୍ତୁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରେନା। ଅନ୍ୟପଟେ, ଫୁଲବାଣୀ ସହରବାସୀଙ୍କୁ ପିଲାସାଲୁଙ୍କୀ ନଦୀରୁ ପାଇପ ପାଣି ଯୋଗାଇ ଦିଆଯାଇଥାଏ। ଖରାଦିନେ ପିଲାସାଲୁଙ୍କୀ ନଦୀ ଶୁଖି ଯାଉଥିବାରୁ ପାଣି ଯୋଗାଇବା ସମ୍ଭବପର ହୁଏନା। ତେବେ ଫୁଲବାଣୀ ସହରବାସୀଙ୍କୁ ପିଲାସାଲୁଙ୍କୀ ଜଳଭଣ୍ଡାରରୁ ପାନୀୟ ଜଳ ଯୋଗାଇ ଦେବାକୁ ଏକ ପ୍ରସ୍ତାବ ବହୁଦିନ ଧରି ଫାଇଲ୍ ତଳେ ଚାପି ହୋଇ ରହିଛି। ଅନେକ ନଦୀ, ନାଳକୁ ଜନ୍ମ ଦେଇଥିବା କନ୍ଧମାଳରେ କେବେ ପାନୀୟଜଳ ସମସ୍ୟା ସ୍ୱାଭାବିକ ହୋଇପାରିବ, ତାହା ସମୟ କହିବ।

# ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର, ତା ୦୪.୦୩.୨୦୨୫ ରିଖ: ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲାପାଳ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଉଁଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ବ୍ଲକ ମାନଙ୍କରୁ ଆସିଥିବା ନୂତନ ପ୍ରସ୍ତାବ ଅନୁଯାଇ ନଳକୂଅ ୧୫ ମାର୍ଚ୍ଚ ସୁଦ୍ଧା ବସାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ର ମାନଙ୍କରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ସିନଟେକସ୍ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ବିଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କର୍ଯ୍ୟକରିବା, ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ମାନେ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, ଶ୍ରମିକ ମାନେ ଦିନ ୧୧ ଟାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓ.ଆର.ଏସ, ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।




ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

DADLS-103 OIPR-15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର


PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ